ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.258 Bhubaneswar Friday, December 03, 2021 | ୨୪ତମ ବର୍ଷ ସଂଖ୍ୟା–୨୫୮ ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୦୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ବାତ୍ୟାର ସଠିକ୍ ଗତିପଥ ମିଳିନି, ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ଏସଆରସି




ଭୁବନେଶ୍ୱର : ସମ୍ଭାବ୍ୟ ବାତ୍ୟା 'ଜୱାଦ' ପରିସ୍ଥିତିର ଏକ ଉଚ୍ଚସ୍ତରୀୟ ସମୀକ୍ଷା ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଥିବାବେଳେ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର, ବିଭିନ୍ନ ଏଜେନ୍ସୀ, ବିଭାଗ ଓ ଜିଲ୍ଲା ପ୍ରଶାସନମାନଙ୍କ ଦ୍ୱାରା ପ୍ରସ୍ତୁତି ଜୋରଦାର କରାଯାଇଛି । ତେବେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି ସୁଦ୍ଧା ସମ୍ଭାବ୍ୟ ବାତ୍ୟାର ସ୍ଥିତି, ଗତିପଥ ଓ ସଠିକ୍ ଦିଗ ସମ୍ପର୍କରେ ତଥ୍ୟ ମିଳିବା ପରେ ହିଁ ରାଜ୍ୟ ସରକାର ଅଧିକ ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ କରିବେ ବୋଲି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି। ଏହାସହିତ ବାତ୍ୟା ପରିସ୍ଥିତିର ମୁକାବିଲା ସହ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ପାଇଁ ୨୬୬ଟି ଓଡ୍ରାଫ, ଏନଡିଆରଏଫ ଓ ଅଗ୍ନିଶମ ସେବା ଟିମକୁ ପ୍ରସ୍ତୁତ ରଖାଯାଇଥିବା ସେ କହିଛନ୍ତି ।ଗୁରୁବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟାର ତୀବ୍ରତା, ଲ୍ୟାଣ୍ଡଫଲ୍ ଆଦି ସମ୍ପର୍କରେ ଏବେ କିଛି ସ୍ପଷ୍ଟ ସୂଚନା ସରକାରଙ୍କ ପାଖରେ ନାହିଁ । ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ଆସନ୍ତାକାଲି ଏ ସମ୍ପର୍କରେ ବାସ୍ତବ ତଥ୍ୟ ପ୍ରଦାନ କରିବେ । ସେ ଆଜି ମଧ୍ୟ ଦୁଇଥର ଆଇଏମଡି ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଛନ୍ତି । ବିଭିନ୍ନ ପାଣିପାଗ ମଡେଲ୍ ଏହି ସମ୍ଭାବ୍ୟ ବାତ୍ୟାକୁ ନେଇ ନାନାଦି ପୂର୍ବାନୁମାନ କରିଛନ୍ତି। ମାତ୍ର ଆସନ୍ତାକାଲି ଆଇଏମଡି ପୂର୍ବାନୁମାନ ତଥ୍ୟ ଆଧାରରେ ରାଜ୍ୟ ସରକାର ଅଧିକ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି । ତେବେ ଏବେସୁଦ୍ଧା ରାଜ୍ୟ ସରକାର ଉପକୂଳ ଓଡିଶାର ୧୪ଟି ଜିଲ୍ଲାକୁ ହାଇ ଆଲର୍ଟରେ ରଖିଛନ୍ତି ।ଡିସେମ୍ବର ୩ ମଧ୍ୟରାତ୍ରିରୁ ଏହି ଉପକୂଳ ଜିଲ୍ଲାଗୁଡିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ବର୍ଷା ପରବର୍ତ୍ତୀ ସମୟରେ ଲ୍ୟାଣ୍ଡଫଲ୍ ବେଳେ ବୃଦ୍ଧି ପାଇବ । ଗଞ୍ଜାମ, ଗଜପତି, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ସର୍ବାଧିକ ବର୍ଷା ଓ ପ୍ରବଳ ପବନ ବୋହିବାର ଆଶଙ୍କା ରହିଛି । ଏହି ଜିଲ୍ଲାଗୁଡିରେ ଏବେ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି । କେବଳ ଚିଲିକାର କେତେକ ଅଂଚଳକୁ ଛାଡିଦେଲେ ମାଛ ଧରିବାକୁ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ ଫେରି ଆସିଥିବାର ସୂଚନା ମିଳିଛି । ଡିସେମ୍ବର ୩ରୁ ୫ତାରିଖ ପର୍ଯ୍ୟନ୍ତ ବଙ୍ଗୋପସାଗରରେ ମାଛ ଧରା ଉପରେ କଟକଣା ମତ୍ସ୍ୟସମ୍ପଦ ବିଭାଗ ପକ୍ଷରୁ ଜାରି ହୋଇଛି । ଅମାବାସ୍ୟା ଯୋଗୁ ଡିସେମ୍ବର ୩ ଓ ୪ରେ ଅଧିକ ଜୁଆର ଆସିବାର ଆଶଙ୍କା ରହିଛି ବୋଲି ଶ୍ରୀ ଜେନା କହିଛନ୍ତି ।ସମ୍ଭାବ୍ୟ ବାତ୍ୟାର ଗତିପଥ ଓ ତୀବ୍ରତା ସମ୍ପର୍କରେ ଆସନ୍ତାକାଲି ସୂଚନା ମିଳିବା ପରେ ଜିଲ୍ଲାପାଳମାନଙ୍କୁ ସେହି ଆଧାରରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପ୍ରକ୍ରିୟା ଆରମ୍ଭ ପାଇଁ ନିର୍ଦ୍ଦେଶ ଦିଆଯିବ । ଆଜି ସନ୍ଧ୍ୟା ୭ଟାରେ ସେ ଜିଲ୍ଲାପାଳମାନଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ପ୍ରସ୍ତୁତିର ସମୀକ୍ଷା କରିବେ । ବାତ୍ୟା ପ୍ରଭାବିତ ହେବାକୁ ଥିବା ସମସ୍ତ ଜିଲ୍ଲାର ସ୍କୁଲ, ପଂଚାୟତ ଗୃହ ଓ ଅଙ୍ଗନୱାଡି କେନ୍ଦ୍ର ଗୃହକୁ ଖୋଲା ରଖିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯାହାଫଳରେ ଲୋକମାନେ ଆବଶ୍ୟକ ପଡିଲେ ସେହି ସବୁ ଘରେ ଆଶ୍ରୟ ନେଇପାରିବେ । ଏହାବ୍ୟତୀତ ଆସନ୍ନପ୍ରସବା ମହିଳାମାନଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ଆଣିବା ଉପରେ ଗୁରୁତ୍ୱ ଦିଆଯିବ ।ଡିସେମ୍ବର ମାସରେ ପ୍ରଥମଥର ପାଇଁ ବାତ୍ୟା ଆସିଛି । ମୌସୁମୀ ପ୍ରାୟ ଏକ ମାସ ବିଳମ୍ବରେ ଓଡିଶା ଛାଡିଥିବାରୁ ଏହି ବାତ୍ୟା ଡିସେମ୍ବର ମାସରେ ଆସିଥାଇ ପାରେ ବୋଲି ଶ୍ରୀ ଜେନା କହିଛନ୍ତି । ଅବଶ୍ୟ ଏହାର ବୈଷୟିକ ଦିଗ କ'ଣ ଥିବ ତାହା ବିଶେଷଜ୍ଞମାନେ ମତ ଦେବେ ବୋଲି ସେ ସ୍ପଷ୍ଟ କରିଛନ୍ତି ।ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିଦ୍ୟୁତ ବିଭାଗ, ଟେଲିକମ୍ ବିଭାଗଗୁଡିକ ସହ ସମନ୍ୱୟ ରକ୍ଷା କରାଯାଇଛି । ବାତ୍ୟା ପରେ ବିଦ୍ୟୁତ ଓ ଟେଲିକମ୍ ମରାମତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ । ଯେଉଁଠି ଟେଲିଫୋନ୍ ଟାୱାର କ୍ଷତିଗ୍ରସ୍ତ ହେବ ସେଠାରେ ଥିବା ଅନ୍ୟ କମ୍ପାନୀର ଟାୱାର ମାଧ୍ୟମରେ ଟେଲିଫୋନ୍ ସେବାକୁ ତତ୍କାଳ ବ୍ୟାହତ କରାଯିବ । ଏଥିପାଇଁ ଆଇଟି ସଚିବ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ଶ୍ରୀ ଜେନା କହିଛନ୍ତି ଯେ, ରାଜ୍ୟର ୧୦ଟି ଜିଲ୍ଲାରେ ଏବେ ୩୩ଟି ଓଡ୍ରାଫ ଟିମକୁ ମୁତୟନ କରାଯାଇଥିବାବେଳେ ବାକି ୨୭ଟିକୁ ରିଜର୍ଭ ରଖାଯାଇଛି । ସେହିପରି ୨୪ଟି ଏନଡିଆରଏଫ ଟିମ୍ ମୁତୟନ ଓ ୧୦ଟି ଟିମ୍ ରିଜର୍ଭ ଥିବାବେଳେ ୧୫୮ଟି ଅଗ୍ନିଶମ ସେବା ଟିମକୁ ମୁତୟନ ଓ ୧୪ଟି ଟିମକୁ ରିଜର୍ଭ ରଖାଯାଇଥିବା ଶ୍ରୀ ଜେନା ସୂଚନା ଦେଇଛନ୍ତି ।


## ଦ୍ୱିତୀୟ ଦିନରେ ବି ମମିତା ତାତି, ଗୃହ ଅଚଳ

ଭୁବନେଶ୍ୱର, ୨।୧୨(ପି.ଏନ): ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିନରେ ମଧ୍ୟ ମମିତା ମେହେର ହତ୍ୟା ମାମଲାରେ ଗୃହ ବିଭାଗର ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ହଟ୍ଟଗୋଳ କାରଣରୁ ବିଧାନସଭାରେ କୌଣସି କାମ ହୋଇ ପାରି ନାହିଁ । ପ୍ରଥମାର୍ଦ୍ଧ ବୈଠକ ୧୫ ସେକେଣ୍ଡରୁ ଅଧିକ ସମୟ ଚାଲିପାରିନଥିଲା ବେଳେ ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ଅପରାହ୍ନ ୪ ଟାରେ ଦ୍ୱିତୀୟାର୍ଦ୍ଧ ବୈଠକ ମାତ୍ର ୧୩ ମିନିଟ୍ ଚାଲିବା ପରେ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଆଜି ୧୦.୩୦ଟାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ମମିତା ମେହେର ମାମଲାରେ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। । ବାଚସ୍ପତି ସେମାନଙ୍କୁ ଏପରି ନ କରିବାକୁ ଅନୁରୋଧ କରିଥିଲେ । ହେଲେ ବିରୋଧୀ ବିଧାୟକ ମାନେ ତାଙ୍କର କଥା ଶୁଣି ନ ଥିଲେ । ତେଣୁ ବାଚସ୍ପତି ଗୃହକୁ ଆଜି ଅପରାହ୍ନ ୪ଟା ଯାଏ ମୁଲତବୀ ରଖିଥିଲେ । ଏହି କାରଣରୁ ଆଜି ପ୍ରଶ୍ନୋତର କାର୍ଯ୍ୟକ୍ରମ, ଶୂନ୍ୟକାଳ ଆଦି କୌଣସି କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ଆଜି ପ୍ରଥମାର୍ଧ କେବଳ ୧୫ ସେକେଣ୍ଡ ପାଇଁ ଚାଲି ପାରିଥିଲା । ସେହିପରି ଅପରାହ୍ନ ୪ ଟାରେ ଅଧିବେଶନ ଆରମ୍ଭ ହେବା ଠାରୁ ବିରୋଧୀ ଦଳର ନେତା ହଟ୍ଟଗୋଳ କରିଥିଲେ। ଗୃହର ମଧ୍ୟ ଭାଗରେ ଆସି ବିଜେପି ଓ କଂଗ୍ରେସ ସଦସ୍ୟ ନାରାବାଜି କରିଥିଲେ।

## ଗୋଟିଏ ଦିନରେ ୨୫୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୫୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୯୫୯୭ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୫୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୮ ହଜାର ୬୯୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୪୩୪ ରହିଛି ।ଆଜି ଚିହ୍ନଟ ହୋଇଥିବା ୨୫୨ ଜଣଙ୍କ ମଧ୍ୟରୁ ୧୪୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୦୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୯୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ଜଣେ , ଭଦ୍ରକ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରୁ ଜଣେ , କଟକରୁ ୯ ଜଣ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଂଜାମ ଜିଲ୍ଲାରେ ୩ , ଜଗତସିଂହପୁର ଜିଲ୍ଲାରୁ ୨ ଜଣ, ଯାଜପୁରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ରୁ ୨ ଜଣ ଓ କନ୍ଧମାଳ ଜିଲ୍ଲାରୁ ଜଣେ ,କେନ୍ଦ୍ରାପଡ଼ାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୯୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ , ନୟାଗଡ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ , ସମ୍ବଲପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୮ ଜଣ ଓ ଷ୍ଟେଟ୍ ପୁଲରୁ ୨୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଡିସେମ୍ବର ମାସରେ ଛୋଟ ପିଲାଙ୍କୁ ଦିଆଯିବ ଟିକା




ନୂଆଦିଲ୍ଲୀ, ୨।୧୨(ପି.ଏନ): ଦେଶରେ ଛୋଟ ପିଲାମାନଙ୍କୁ ଟିକାକରଣ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଡିସେମ୍ବର ମାସର ଶେଷ ସପ୍ତାହରେ ପିଲାମାନଙ୍କୁ କୋଭିଡ୍ ୧୯ ଟିକା ଦିଆଯିବା ନେଇ ସମ୍ଭାବନା ଅଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ପ୍ରାଥମିକ ପର୍ଯ୍ୟାୟରେ ୪ରୁ ୬କୋଟି ପିଲାଙ୍କୁ ଅଗ୍ରାଧିକାର ଦିଆଯିବ। ଯେଉଁ ପିଲାମାନେ କିଛି ଗମ୍ଭୀର ରୋଗରେ ପୀଡିତ ସେମାନଙ୍କୁ ଆଗେ ଡୋଜ୍ ? ଦିଆଯିବ। ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର୍) କୋଭିଡ -୧୯ ଟାସ୍କ ଫୋର୍ସର ଚେୟାରମ୍ୟାନ୍ ଡକ୍ଟର ନରେନ୍ଦ୍ର କୁମାର ଆରୋରା କହିଛନ୍ତି ଯେ, ଦେଶରେ ଟିକାକରଣ ଆରମ୍ଭ ହେବା ପରେ ପ୍ରଥମେ ବୃଦ୍ଧ, ଅସୁସ୍ଥ ଏବଂ ପରେ ବୟସ୍କଙ୍କ ଉପରେ ଧ୍ୟାନ ଦିଆଯାଇଥିଲା। ।ସେବେଠାରୁ ପିଲାମାନଙ୍କ ପାଇଁ ଟିକା ଲଗାତାର ପରୀକ୍ଷା କରାଯାଉଥିଲା । ଯାହାଦ୍ୱାରା ଛୋଟ ପିଲା ଏବଂ କିଶୋରମାନେ ମଧ୍ୟ ଟିକାକରଣର ସୁରକ୍ଷା ପାଇପାରିବେ। ଭାରତରେ ଭାରତ ବାୟୋଟେକ ଟିକା ବ୍ୟତୀତ ଅନ୍ୟ କେତେକ କମ୍ପାନୀର ଟିକାକୁ ପିଲାମାନଙ୍କ ପାଇଁ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ଏଭଳି ପରିସ୍ଥିତିରେ ଡିସେମ୍ବର ମାସର ଶେଷ ସପ୍ତାହରେ ଭାରତରେ ପିଲାମାନେ କରୋନା ଟିକା ପାଇବା ନେଇ ଆଶା କରାଯାଉଛି ।ଡକ୍ଟର ଆରୋରା କହିଛନ୍ତି ଯେ, ଦେଶରେ ମୋଟ ୪୪କୋଟି ଛୋଟ ପିଲା ଅଛନ୍ତି। ଯେଉଁଥିରେ ୧୨ ବର୍ଷରୁ କମ୍ ପିଲାଙ୍କ ସଂଖ୍ୟା ହେଉଛି ୩୨କୋଟି। ୧୨ ରୁ ୧୭ବର୍ଷ ବୟସ ବର୍ଗରେ ସମୁଦାୟ ୧୨ କୋଟି ପିଲା ଅଛନ୍ତି। ଏହି ବୟସରେ ପିଲାମାନଙ୍କୁ ଟିକାକରଣ ପାଇଁ ଜିଡସ୍ କ୍ୟାଡିଲାଙ୍କ ଡଇମକ୍ଲଠ । (ZyCoV-D) କୁ ଅନୁମୋଦନ ଦିଆଯାଇଛି। ଏଥି ସହିତ ଭାରତ ବାୟୋଟେକର ଟିକା ୨ ରୁ ୧୮ ବର୍ଷର ପିଲାମାନଙ୍କ ପାଇଁ ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି।

## ଓମିକ୍ରନ ରିସ୍କ ଦେଶରୁ ଓଡିଶାକୁ ଫେରିଛନ୍ତି ୩୮୦ ଜଣ

ଭୁବନେଶ୍ୱର, ୨।୧୨(ପି.ଏନ): ଓମିକ୍ରନ ସଂକ୍ରମଣ ବିପଦ ଥିବା ଦେଶରୁ ଓଡ଼ିଶାକୁ ବର୍ତମାନ ସୁଦ୍ଧା ୩୮୦ ଜଣ ଫେରିଛନ୍ତି। ୨୮ ତାରିଖ ସୁଦ୍ଧା ଓଡ଼ିଶାକୁ ୨୨୪ ଜଣ ଆସିଥିବା ବେଳେ ୨୯ ତାରିଖରେ ୧୫୬ ଜଣ ଆସିଛନ୍ତି। ସମସ୍ତେ ଟେଷ୍ଟ କରି ଆସୁଛନ୍ତି। କୋଭିଡ୍ ରିପୋର୍ଟ ନେଗେଟିଭ ଥିଲେ ବି ୭ ଦିନ ସଙ୍ଗରୋଧରେ ରହିବେ। ବିଦେଶ ଫେରନ୍ତାଙ୍କ ତାଲିକା ଜିଲ୍ଲା ପ୍ରଶାସନକୁ ଦିଆଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି ।ସେ କହିଛନ୍ତି କୋଭିଡର ନୂଆ ଭାରିଆଂଟ ଓମିକ୍ରନ ବର୍ତମାନ ୨୬ଟି ଦେଶକୁ ବ୍ୟାପିଲାଣି । ସରକାରଙ୍କ ନିର୍ଦ୍ଦେଶ ରହିଛି, ଯେଉଁମାନେ ରିସ୍କ ଦେଶରୁ ଆସୁଛନ୍ତି, ସେମାନେ ନେଗେଟିଭ ରିପୋର୍ଟ ଧରିକି ଆସିବେ। ନିଜ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ପୋର୍ଟାଲରେ ଦେବା ଲାଗି ବାଧ୍ୟତାମୂଳକ କରାଯାଇଛି। ସମସ୍ତ ବିମାନବନ୍ଦରରେ ଟେଷ୍ଟିଂ କରାଯାଉଛି। ଟେଷ୍ଟ ରିପୋର୍ଟ ଯଦି ପିଜିଟିଭ ଆସିଲା ତାଙ୍କୁ ତୁରନ୍ତ ଆଇସୋଲେସନକୁ ପଠାଯିବ। ଯଦି ନେଗେଟିଭ ଆସିଲା ତାଙ୍କୁ ହୋମ କ୍ୱାରେଂଟାଇନରେ ଛଡା ଯିବ। ୭ ଦିନ କ୍ୱାରେଂଟାଇନରେ ରହିବା ପରେ ଅଷ୍ଟମ ଦିନ ତାଙ୍କର ପୁଣି ଥରେ ଟେଷ୍ଟ କରାଯିବ। ଯେହେତୁ ବିଦେଶ ଫେରନ୍ତା ବିମାନ ବନ୍ଦରରେ ଟେଷ୍ଟ କରି ଆସୁଛନ୍ତି ତେଣୁ ଆମେ ବର୍ତମାନ ସେମାନଙ୍କୁ ଟ୍ରେସ କରି ଅଷ୍ଟମ ଦିନ ତାଙ୍କର ଆରଟିପିସିଆର ଟେଷ୍ଟ କରିବାକୁ ପଦକ୍ଷେପ ନେଇଛୁ। ଯଦି ଏହି ଅଷ୍ଟମ ଦିନ ତାଙ୍କର ପଜେଟିଭ ଆସିଲା ସେ ଆଇସୋଲେସନକୁ ଯିବେ ନଚେତ ଆଉ ୭ ଦିନ ତାଙ୍କୁ ସେଲଫ ଅବଜରଭେସନରେ ରଖାଯିବ। ମୋଟ ୧୪ ଦିନ ତାଙ୍କୁ ସଙ୍ଗରୋଧରେ ରହିବାକୁ ହେବ। ଯେଉଁ ମାନଙ୍କର ପିଜେଟିଭ ଆସିବ ତାଙ୍କର ଜିନମ ସିକ୍ୟୁସେନିଂ କରାଯିବ ।ସବୁ ପରିସ୍ଥିତିକୁ ମୁକାବିଲା ପାଇଁ ସରକାର ପ୍ରସ୍ତୁତ। ଆମେ ଆଡଭାଇଜାରି ଦେଇଛୁ। ସ୍ୱତନ୍ତ୍ର ଭାବେ ଭୁବନେଶ୍ୱର ବିଏମସି ଏବଂ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଆମେ କହିଛୁ ଯଦି କାହାର ଘରେ କ୍ୱାରେଂଟାଇନ ପାଇଁ ବ୍ୟବସ୍ଥା ହେଉନି ତାଙ୍କ ପାଇଁ କ୍ୱାରେଂଟାଇନ ବ୍ୟବସ୍ଥା କରିବେ । ଯଦି ସେମାନଙ୍କ ଭିତରୁ କେହି ପିଜେଟିଭ ବାହାରିଲେ କିଛି ନିର୍ଦ୍ଦିଷ୍ଟ ମେଡିକାଲରେ ବ୍ୟବସ୍ଥା କରିବା ବନ୍ଦୋବସ୍ତ ଚାଲିଛି। କାରଣ ଏମାନେ ଅନ୍ୟ କୋଭିଡ ରୋଗୀଙ୍କଠୁ ଅଲଗା ହୋଇ ଚିକିତ୍ସା ହେବେ। ଏବେ ଠୁ ସର୍ଭିଲାନ୍ସ ଆହୁରି ବଢ଼ିବ। ବିଶେଷ କରି ବିଦେଶ ଫେରନ୍ତାଙ୍କ ଉପରେ ଆମେ ତୀକ୍ଷଣ ନଜର ରଖୁଛୁ ବୋଲି ସେ କହିଛନ୍ତି।

**Accommodation Wanted**

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

**APPOINTMENT**

THE KALINGA CHRONICLE — Popular people's Daily of Odisha
ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ । କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି । ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ । ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍ । 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି । ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର । ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ । କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍ । ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି । ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍ । ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ୍ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ । ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି । ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି । ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ । ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି । ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ । ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ । ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି । ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି । ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି । ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ । ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି । ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି ।

## ଫଟୋସପ୍‌ର କମାଲ୍

ଥିଓଡର । ତା'ବୟସ ମାତ୍ର ୧୦ ମାସ । ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ । କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ । ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ । ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍ । ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ । ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ । ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି ।

## ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ । ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ । ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି । ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି । ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ । ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ । ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ । ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ । ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ । ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ । ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ । ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯିବାର ବହୁ ସମ୍ଭାବନା ରହିଛି । ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ । ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ । ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ପେଟ୍ରୋଲ ପମ୍ପ ନିର୍ମାଣ ନେଇ ଘନଉଛି ବିବାଦ, ସରକାରୀ ଜମି ଜବରଦଖଲ ଓ ଜଳସ୍ରୋତ ପୋତିବା ନେଇ ଅଭିଯୋଗ ଆଣିଲେ ଜନପ୍ରତିନିଧି

ଯୋଡା,(ପି.ଏନ) : ଯୋଡା ବ୍ଲକ ବଡବିଲ ତହସିଲ ଅନ୍ତର୍ଗତ ଭଦ୍ରାସାହି-ଗୁଆଲୀ ପୁରୁଣା ୨୧୫ ନଂ (ଏବେର ୫୨୦) ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ରୁଗୁଡି ନିକଟରେ ରିଲିଆନ୍ସ ପେଟ୍ରୋଲ ପମ୍ପ ନିର୍ମାଣକୁ ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କ ପକ୍ଷରୁ ବିରୋଧ କରାଯାଇଛି । ପେଟ୍ରୋଲ ପମ୍ପ ନିର୍ମାଣ ହେଉଥିବା ଜମିରେ ବେଆଇନ ଗଛକଟା ଏବଂ ସରକାରୀ ଜମି ଜବରଦଖଲ ସହ ପ୍ରାକୃତିକ ଝରଣାକୁ ପୋତି ଦିଆଯାଉଥିବା ନେଇ ବଡବିଲ ତହସିଲଦାରଙ୍କ ପାଖରେ ଅଭିଯୋଗ ହୋଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ନିର୍ମାଣଧୀନ ଥିବା ଏହି ପେଟ୍ରୋଲ ପମ୍ପ ଜମିଟି ଖାତା ନଂ ୬୬/୫୬, ପ୍ଲଟ ନଂ ୫୮୬/୬୪୮ ରହିଛି । ଉକ୍ତ ଜମି ଉପରେ ସରକାରୀ ଜଙ୍ଗଲ ଜମିକୁ ମିଶାଇ ଜନୈକ ଏକ ବ୍ୟକ୍ତି ପେଟ୍ରୋଲ ପମ୍ପ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି । ଯାହାକି ସରକାରୀ ଜଙ୍ଗଲ ଜମି ହୋଇଥିବାରୁ ବିଭିନ୍ନ ବନ୍ୟଜନ୍ତୁଙ୍କର ଆଶ୍ରୟସ୍ଥଳ ହୋଇଥିବା ବେଳେ ନିକଟସ୍ଥ ଚିରସ୍ରୋତା ନାଳକୁ ହାତୀ ତଥା ଅନ୍ୟାନ୍ୟ ବନ୍ୟଜନ୍ତୁ ମାନେ ପାଣି ପିଇ ତୃଷ୍ଣା ମେଣ୍ଟାଇଥାନ୍ତି । ତତସହିତ ଗ୍ରାମବାସୀ ମଧ୍ୟ ଏହି ଚିରସ୍ରୋତା ନାଳ ଉପରେ ନିର୍ଭର କରିଚଳନ୍ତି । ସରକାର ନୂତନ ଜଙ୍ଗଲ ସୃଷ୍ଟି କରି ପରିବେଶର ସୁରକ୍ଷା ନିମନ୍ତେ ଯତ୍ନବାନ ହେଉଥିବା ବେଳେ କେତେକ ଲାଭଖୋର ମନବୃତ୍ତି ରଖି ନିଜର ଆତ୍ମସ୍ୱାର୍ଥ ପ୍ରତିଷ୍ଠା ପାଇଁ ବେଆଇନ ଭାବେ ମୂଲ୍ୟବାନ ଗଛ କାଟି ବଳପୂର୍ବକ ପେଟ୍ରୋଲ ପମ୍ପ ନିର୍ମାଣ କରୁଥିବା ଜଣାପଡିଛି । ପୂର୍ବରୁ ଏହି ପ୍ଲଟ ଉପରେ ସ୍ଥାନୀୟ ଲୋକଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଏକ କ୍ରସର ପ୍ଲାଣ୍ଟ ସ୍ଥାପିତ ହୋଇଥିଲା । କାଳକ୍ରମେ କ୍ରସରଟି ବନ୍ଦ ହୋଇଯିବା ପରେ ଉକ୍ତ ସ୍ଥାନରେ ପେଟ୍ରୋଲ ପମ୍ପ ନିର୍ମାଣ କରାଯାଉଛି । ଏହାକୁ ପଞ୍ଚାୟତବାସୀ ଘୋର ବିରୋଧ କରିବା ସହିତ ଲଇଡାପଦା ଗ୍ରାମ ପଞ୍ଚାୟତର ସରପଞ୍ଚ ଚତୁର୍ଭୁଜ ନାଏକଙ୍କୁ ପଞ୍ଚାୟତବାସୀ ଏକ ଦାବି ପତ୍ର ପ୍ରଦାନ କରି ତୁରନ୍ତ ପଦକ୍ଷେ ନେବାକୁ ଅନୁରୋଧ କରିଥିଲେ । ତେବେ ଶହ ଶହ ମୂଲ୍ୟବାନ ଗଛ କାଟିବା,ଅବୈଧ ଭାବେ ସରକାରୀ ଜମିକୁ ଅକ୍ତିଆର କରି ସନ୍ନିକଟରେ ଥିବା ଚିରସ୍ରୋତା ନାଳକୁ ପୋତି ପକାଇ ତା ଉପରେ ବିରାଟକାୟ ପାଚେରୀ ନିର୍ମାଣ କରିବା ପରି ଅଭିଯୋଗ ସମୂହକୁ ହୃଦୟଙ୍ଗମ କଲା ପରେ ଲଇଡାପଦା ସରପଞ୍ଚ ଚଳିତବର୍ଷ ଜୁଲାଇ ୧ ତାରିଖ ଦିନ ତହସିଲଦାର (ବଡବିଲ), ଉପଜିଲ୍ଲାପାଳ (ଚମ୍ପୁଆ), ଡିଏଫଓ (କେନ୍ଦୁଝର),ବଡବିଲ ରେଞ୍ଜର ଓ କେନ୍ଦୁଝର ଜିଲ୍ଲାପାଳଙ୍କୁ ଲିଖିତ ଆକାରରେ ଜଣାଇବା ପରେ ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଜଣାପଡିଛି । ପୂର୍ବରୁ ବଡବିଲ ତହସିଲଦାର ସର୍ବସାଧାରଣ ଅଭିଯୋଗ ନିମନ୍ତେ ଇସ୍ତାହାର ପ୍ରକାଶ କରିବା ପରେ ଲୋଇଡପଦା ସରପଞ୍ଚ ଶ୍ରୀ ନାଏକ ନିକଟରେ ଜନବସତି ଓ ଅଭ୍ୟନ୍ତରଣ ଜଳସ୍ରୋତ ଥିବାରୁ ପେଟ୍ରୋଲ ପମ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ପାଇଁ ବଡବିଲ ତହସିଲଦାରଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ ସୁଦ୍ଧା ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଫଳରେ ନିର୍ମାଣଧୀନ ପେଟ୍ରୋଲ ପମ୍ପ ମାଲିକ ଓ ପଞ୍ଚାୟତବାସୀଙ୍କ ମଧ୍ୟରେ ବିବାଦ ଘନାଇବାରେ ଲାଗିଛି । ଏସଂକ୍ରାନ୍ତରେ ଲଇଡାପଦା ସରପଞ୍ଚ ଚତୁର୍ଭୁଜ ନାଏକଙ୍କୁ ପଚାରିବାରୁ ସେ କହିଥିଲେ ଯେଏହି ପେଟ୍ରୋଲ ପମ୍ପଟିକୁ ପଞ୍ଚାୟତବାସୀ ବିରୋଧ କରିବା ସହ ସରକାରଙ୍କ ଠାରୁ ଆବଶ୍ୟକୀୟ ଅନୁମତି ପ୍ରାପ୍ତ ନକରି ପମ୍ପଟିର ନିର୍ମାଣ କାର୍ଯ୍ୟ ଜୋରଜବରଦସ୍ତ ଚଳାଇ ଆସୁଛନ୍ତ ବୋଲି କହିଛନ୍ତି । ବଡବିଲ ରେ ଦାୟିତ୍ୱରେ ଥିବା ଚମ୍ପୁଆ ରେଞ୍ଜର ସୀବ କୁମାର ରାଉତଙ୍କୁ ପଚାରିବାରୁ ଏହି ପେଟ୍ରୋଲ ପମ୍ପଟି ନିର୍ମାଣ ହେବା ପୂର୍ବରୁ ବେଆଇନ ଗଛ କଟାକୁ ନେଇ ଅଭିଯୋଗ ଆସିଥିଲା । ଅଭିଯୋଗ ପାଇବା ପରେ ବନବିଭାଗ ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ନିର୍ମାଣ ହେଉଥିବା ପେଟ୍ରୋଲ ପମ୍ପ ଜମିରୁ ସଦ୍ୟ କଟାଯାଇଥିବା ଗଛ ବୋଝେଇ ଟ୍ରାକ୍ଟରକୁ ଜବତ କରାଯିବା ସହିତ ଏକ ମାମଲା ରୁଜୁ କରାଯାଇଛି ବୋଲି ସେ କହିଥିଲେ । ଏନେଇ ବଡବିଲ ତହସିଲଦାର ଆଲୋକ କୁମାର ପଟେଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଚିରସ୍ରୋତା ନାଳ ଉକ୍ତ ପ୍ଲଟରେ ରହିଥିବା ବେଳେ ସରକାରୀ ଜାଗା ମଧ୍ୟ ସେଠାରେ ଅଛି । ଉକ୍ତ ସରକାରୀ ଜାଗାକୁ ଲିଜ ଆକାରରେ ନେବା ନିମନ୍ତେ ପେଟ୍ରୋଲ ପମ୍ପ ମାଲିକ ଇଡକୋକୁ ଆବେଦନ କରିଛନ୍ତି କି ନାହିଁ ସେ ସଂକ୍ରାନ୍ତରେ ମୋ ନିକଟରେ କୌଣସି ତଥ୍ୟ ନଥିବା ସେ ପ୍ରକାଶ କରିଛନ୍ତି । ତେବେ ବନବିଭାଗର ଅନୁମତି ନେଇ ଗଛ କଟାଯାଇଛି ନା ନାହିଁ । ପେଟ୍ରୋଲ ପମ୍ପ ନିର୍ମାଣ ନିମନ୍ତେ ଆବଶ୍ୟକୀୟ ସରକାରୀ ଅନୁମୋଦନର ସତ୍ୟତାର ଯାଞ୍ଚ ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

# କୋଭିଡ୍ ପରିଚ୍ଳାଳନାରେ ଓଡିଶା ଅନ୍ୟରାଜ୍ୟ ପାଇଁ ଉଦାହରଣ ପାଲଟିଛି: ଅଚ୍ୟୁତ ସାମନ୍ତ





ଫୁଲବାଣୀ/ଭୁବନେଶ୍ୱର,(ପି.ଏନ): କୋଭିଡ୍ ପରିଚ୍ଳାଳନାରେ ଓଡିଶା ଅଗ୍ରଣୀ ଭୂମିକା ଗ୍ରହଣ କରି ସମଗ୍ର ଦେଶ ପାଇଁ ଉଦାହରଣ ପାଲଟିଛି ବୋଲି କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଆଜି ଲୋକସଭାରେ ପ୍ରକାଶ କରିଛନ୍ତି। କୋଭିଡ୍ ଉପରେ ଆଲୋଚ୍ନାରେ ବିଜୁ ଜନତା ଦଳ ପକ୍ଷରୁ ଅଂଶଗ୍ରହଣ କରି ଶ୍ରୀ ସାମନ୍ତ କୋଭିଡ୍ ଯୋଦ୍ଧା ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମୀ, ପୋଲିସ୍ ଓ ସାମ୍ବାଦିକଙ୍କ କାର୍ଯ୍ୟ ପାଇଁ ସେମାନଙ୍କୁ କୃତଜ୍ଞତା ଜଣାଇବା ସହ ମୃତ୍ୟୁବରଣ କରିଥିବା କାର୍ଯ୍ୟରତ କରୋନା ଯୋଦ୍ଧାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉତ୍ତମ କୋଭିଡ୍ ପରିଚ୍ଳାଳନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ସମସ୍ତ ପ୍ରଶାସନକୁ ସେମାନଙ୍କ କାର୍ଯ୍ୟକୁ ବିଜୁ ଜନତା ଦଳ ପକ୍ଷରୁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଥିଲେ। ଏହା ସହ କୋଭିଡ୍ ସମୟରେ ସମସ୍ତ ଭାରତୀୟ ଶୃଙ୍ଖଳିତ ଭାବେ ସଚେତନ ରହିବା ସହ କୋଭିଡ୍ ନିୟମକୁ କଡାକଡି ଭାବେ ପାଳନ କରିଥିବାରୁ ଶ୍ରୀ ସାମନ୍ତ ଭାରତୀୟଙ୍କୁ ଧନ୍ୟବାଦ ଜଣାଇଥିଲେ। କୋଭିଡ୍ ପରିଚ୍ଳାଳନାରେ ଓଡିଶା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରାକୁ ସଂସଦରେ ଶ୍ରୀ ସାମନ୍ତ ଉଚ୍ଚ ପ୍ରଶଂସା କରିବା ସହ ମିଶନ ଶକ୍ତିର ମହିଳା ସ୍ୱୟଂ ସହାୟକମାନଙ୍କ କାର୍ଯ୍ୟ ଅଭିନନ୍ଦନୀୟ ବୋଲି କହିବା ସହ ଏ ନେଇ ବିସ୍ତୃତ ତଥ୍ୟ ରଖିଥିଲେ। ଓଡିଶାରେ କରୋନା ସମୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସମ୍ମୁଖ ଯୋଦ୍ଧା ଭାବେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ମିଶନ ଶକ୍ତିର ମୋ ଜୀବନ କାର୍ଯ୍ୟକ୍ରମରେ ସେମାନେ ଗାଁ ଗାଁ ବୁଲି କରୋନା ଉପରେ ଲୋକଙ୍କୁ ସଚେତନ କରାଇବା ସହ ଲକ୍ଷ ଲକ୍ଷ ମାସ୍କ ତିଆରି କରି ବଣ୍ଟନ କରିଥିଲେ। ଏହା ବ୍ୟତୀତ ତାଲାବନ୍ଦ ସମୟରେ ମାଗଣା ରୋଷଶାଳା ମାଧ୍ୟମରେ ଗ୍ରାମାଞ୍ଚଳର ହଜାର ହଜାର ଗରିବ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ସହ ଲୋକଙ୍କ ଘରେ ପନିପରିବା ପହଞ୍ଚାଇପାରିଥିଲେ। କୋଭିଡ୍ ସମୟରେ କରୋନା ମୁକାବିଲା ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପ୍ରୟାସର ଉଦାହରଣ ଦେବା ସହ ମହାମାରୀ ସମୟରେ ଉନ୍ନୟନ କାର୍ଯ୍ୟକୁ ମଧ୍ୟ ସରକାର ବନ୍ଦ କରି ନ ଥିଲେ ବୋଲି ଶ୍ରୀ ସାମନ୍ତ କହିଥିଲେ। କରୋନା କାଳରେ ରାଜ୍ୟ ସରକାର ୫ଟି ଅଧୀନରେ ମୋ ସ୍କୁଲ୍ରୁ ଆରମ୍ଭ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ରାଜ୍ୟ ସରକାର କାର୍ଯ୍ୟକାରୀ କରାଇଥିବା ଶ୍ରୀ ସାମନ୍ତ ଉଦାହରଣ ଦେଇଥିଲେ।

## ରାଜ୍ୟ ସ୍ତରୀୟ ଲୋକନାଥଦେବ କ୍ରିକେଟଟୁର୍ଣ୍ଣାମେଂଟ,ଫାଇନାଲରେ କୁମାରବସ୍ତ ରାଇଜିଂ ଷ୍ଟାର

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ସଦର ମହକୁମା ନିକଟସ୍ଥ କୁମାରବସ୍ତ ଖେଳ ପଡିଆରେ ରାଜ୍ୟ ସ୍ତରୀୟ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଂଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି । ଆଜିର ମ୍ୟାଚରେ କାଇପଦର ସତ୍ୟପୀର ସ୍ପୋର୍ଟିଂ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୬୩ ରନ ସଂଗ୍ରହ କରିଥିଲା । ତାର ପ୍ରତି ଜବାବରେ ବିଜୟ ଲକ୍ଷ୍ୟରେ କୁମାରବସ୍ତ ରାଇଜିଂ ଷ୍ଟାର କ୍ଲବ ୧୮ ଓଭରରେ ୬ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ବିଜୟ ହାସଲ କରି ଫାଇନାଲ ମ୍ୟାଚରେ ପ୍ରବେଶ କରିଥିଲା । ଏହି ଖେଳରେ ଗ୍ରାମ୍ୟ କମିଟି ସଭାପତି ତଥା ସମାଜସେବୀ ଦିବ୍ୟସିଂହ ପାତ୍ର ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ।ଖେଳକୁ ଦୁର୍ଯୋଧନ ପରିଡା,ପ୍ରଦୋଷ ବଳିୟାରସିଂହ ପରିଚାଳନା କରିଥିବା ବେଳେ ସୌମ୍ୟଜିତ ପାଇକରାୟ ସ୍କୋରର ଭାବରେ ସହାୟତା କରିଥିଲେ । ଚଳିତ ରବିବାର ଦିନ ଫାଇନାଲ ମ୍ୟାଚ କୁମାରବସ୍ତ ରାଇଜିଂ ଷ୍ଟାର ଓ ଯାଆଁଳା ବ୍ଲୁ ରକଷ୍ଟାରକ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନଙ୍କ ସୂତ୍ରରୁ ପ୍ରକାଶ ।

## ଭର୍ଚୁଆଲ ମାଧ୍ୟମରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା, (ପିଏନ):ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ଡିସେମ୍ବର ମାସ ୩ ତାରିଖରୁ ୫ତାରିଖ ମଧ୍ୟରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ତଳିଆ ଅଂଚଳ ଲୋକମାନଙ୍କୁ କଚ୍ଚା ଘର ଓ ଅତିରିକ୍ତ ବାତ୍ୟା ଅଶ୍ରୟସ୍ଥଳ ଗୁଡିକୁ ସ୍ଥାନାନ୍ତର କରିବା ସହ ଶୃଙ୍ଖଳା ଓ ଆବଶ୍ୟକସ୍ଥଳେ ରନ୍ଧା ଖାଦ୍ୟ,ପାନୀୟ ଓ ଆଲୋକୀକରଣ ବ୍ୟବସ୍ଥା ଉପରେ ନିତାନ୍ତ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଜିଲ୍ଲାପାଳ ବିଡିଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଏତଦ ବ୍ୟତୀତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବା ସହ କୋଭିଡ ୧୯ ନିୟମକୁ ଯଥାରିତୀ ପାଳନ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ଜିଲ୍ଲାର ସଦର ମହକୁମାର ମୁଖ୍ୟ ଚିକିତ୍ସାଳୟ ,ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଳୟରେ ଆବଶ୍ୟକୀୟ ଔଷଧ,ଓଆରଏସ ପ୍ୟାକେଟ ସମେତ ସମସ୍ତ ଗର୍ଭବତୀ ପ୍ରସୃତି ମହିଳା ମାନଙ୍କୁ ଚିକିତ୍ସା ସମ୍ବନ୍ଧୀୟ ସୁବିଧା ସୁଯୋଗ ଦିଆ ଯିବା ସହ ଡାକ୍ତର ମାନେ ଉପସ୍ଥିତ ରହିବେ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି । ଗ୍ରାମାଚଂଳ ଓ ବ୍ଲକ ସ୍ତରରେ ଡାକବାଜି ଯନ୍ତ୍ର ଦେଇ କୃଷକ ମାନେ ନିଜର ଶସ୍ୟକୁ ସୁରକ୍ଷିତ ଯାଗାରେ ରଖିବାକୁ ସଚେତନ କରାଯାଇଥିଲା ବୋଲି କୃଷି ଅଧିକାରୀ କହିଛନ୍ତି ।ଏହି ବୈଠକରେ ରାଜସ୍ୱ ଅତିରିକ୍ତ ଜିଲ୍ଲାପାଳ ଅନୁଜ କୁମାର ଦାସ ପଟ୍ଟନାୟକ,ଖୋର୍ଦ୍ଧା। ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ,ଭୁବନେଶ୍ୱର ଉପଜିଲ୍ଲାପାଳ ଦେବବ୍ରତ ସାହୁ,ଖୋର୍ଦ୍ଧା ଉପଜିଲ୍ଲାପାଳ ଶ୍ରୀ ଆଇ ଗୌରବ ଶିବାଜୀ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ବିଶ୍ୱ ରଞ୍ଜନ ପତି ସମେତ ବହୁ ଅଧିକାରୀ ଯନ୍ତ୍ରୀ,ତହସିଲଦାର ଓ ବିଡିଓ ଯୋଗ ଦେଇଥିଲେ ।

## ଭିଡିଓ ମାଧ୍ୟମରେ କରୋନା ମହାମାରୀ ରୋଗର ମାର୍ଗଦର୍ଶିକା ଜାରି କଲେ ଜିଲ୍ଲାପାଳ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଡିସେମ୍ବର ମାସ ପାଇଁ କରୋନା ମହାମାରୀ ରୋଗର ମାର୍ଗଦର୍ଶିକା ଜାରି କରିଛନ୍ତି । ଏହି ଭିଡିଓରେ କହିଛନ୍ତି ଯେ କରୋନା ମହାମାରୀ ରୋଗରୁ ରକ୍ଷା ପାଇବା ପାଇଁ କୋଭିଡ ୧୯ ନିୟମକୁ ପାଳନ କରିବା ସହ ମାସ୍କ,ସାନିଟାଇଜର ଓ ସାମାଜିକ ଦୂରତ୍ୱ ରଖିବା ପାଇଁ କହିଛନ୍ତି । ଆବଶ୍ୟକ ସ୍ଥଳେ ମାସ୍କ ବ୍ୟବହାରକୁ କଡାକଡି ଭାବରେ ପାଳନ କରାଯିବା ସହ ଆଇନ ଉଲ୍ଲଙ୍ଘନ କାରୀଙ୍କୁ ଦଣ୍ଡ ଗଣିବାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ଖୋର୍ଦ୍ଧା ଓ ଭୁବନେଶ୍ୱର ସହରରେ ରାତି ୧୦ରୁ ସକାଳ ୫ ଘଂଟିକା ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁକୁ ବଳବତର କରାଯିବ ବୋଲି କହିଛନ୍ତି ।

## ବ୍ରାହ୍ମଣଝରିଲୋରେ ବିଜେଡ଼ି କର୍ମୀ ସମ୍ମିଳନକୀ ଓ ପ୍ରାର୍ଥୀ ଚୟନ

ଫୁଲନଖରା,(ପି.ଏନ): ବାରଙ୍ଗ ବ୍ଲକ କୁରାଙ୍ଗ ପ୍ରଧାନ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଝରିଲୋରେ ବିଜେଡ଼ିର ଏକ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ବିଜେଡ଼ି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା । ବିଶ୍ୱରଂଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଆଳୀ ବିଧାୟକ ଡ଼ାକ୍ତର ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ , କଟକ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର , ସରପଞ୍ଚ କବିତା ସିଂ ପ୍ରମୁଖ ଯୋଗ ଦେଇ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ସମର୍ଥିତ ପାର୍ଥୀ ଙ୍କୁ ଜିତାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ସରପଞ୍ଚ ପାର୍ଥୀ ଭାବରେ ସୁରେଶ କୁମାର ଭୋଇ ଓ ବିରାଜିନୀ ମଲ୍ଲିକଙ୍କୁ ସମିତିସଭ୍ୟା ପାର୍ଥୀ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ମହମ୍ମଦ ନୁର୍, ହୃଷିକେଶ ଛୋଟରାୟ, ଶିବ ମଲ୍ଲିକ, ପ୍ରଶାନ୍ତ ସାହୁ, ଗଣେଶ ସାହୁ, ରଂଜନ ଭୋଇ, ଶେଖ ସଫଉଦ୍ଦିନ୍ ପ୍ରମୁଖ ଉପସ୍ଥିତ ଥିଲେ । ପଞ୍ଚାୟତର ବିଜେଡ଼ିକର୍ମୀମାନେ କାର୍ଯ୍ୟକର୍ମ ପରିଚାଳନା କରିଥିଲେ ।

## ନିକିରାଇ ଥାନାଧିକାରୀଙ୍କୁ ଭେଟିଲେ ୧୪ ସରପଞ୍ଚ




କେନ୍ଦ୍ରାପଡ଼ା,୨।୧୨ : କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ନିକିରାଇ ଥାନା ଅଧିନ ୧୪ଟି ଗ୍ରାମପଞ୍ଚାୟତର ସରପଞ୍ଚ ଓ ସରପଞ୍ଚଙ୍କ ପ୍ରତିନିଧିମାନେ ଗୁରୁବାର ନିକିରାଇ ଥାନାରେ ନୂତନ ଭାବେ ଯୋଗଦେଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ କାଦମ୍ବିନୀ ପରିଡ଼ାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ରକ୍ଷା, ଅପରାଧ ମୁକ୍ତ ଅଞ୍ଚଳ କରାଯିବା ପାଇଁ ପ୍ରୟାସ ଓ ଭାଇଚାରା ରକ୍ଷା କରିବା ପାଇଁ ଆଲୋଚନା କରିଛନ୍ତି। ଏହି ଅବସରରେ କୁତରଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ସୀତାସୁନ୍ଦରୀ ମଲ୍ଲିକ କହିଥିଲେ ଯେ ତାଙ୍କ ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତ ଗୁଡିକରେ କିପରି ଅପରାଧ ନିୟନ୍ତ୍ରଣ ହେବ ସେ ନେଇ ଆମେ ପୋଲିସକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବୁ। ସେହିପରି ଅଞ୍ଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ ମଧ୍ୟ ଆମେ ପୋଲିସକୁ ସହଯୋଗ କରିବୁ। ଅନ୍ୟ ସରପଞ୍ଚ ଓ ସରପଞ୍ଚଙ୍କ ପ୍ରତିନିଧିମାନେ ନିକିରାଇ ଥାନାକୁ ପଞ୍ଚାୟତ ଗୁଡିକ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଆମେ ଚେଷ୍ଟା କରିବୁ ଯେପରି ବିଭିନ୍ନ ପରିସ୍ଥିତିରେ ଭାଇଚାରା ରକ୍ଷା କରାଯାଇ ପାରିବ। ଠିକ ସେହିପରି ଥାନାଧିକାରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ ଲୋକମାନଙ୍କ ବିନା ସହଯୋଗରେ ପୋଲିସ ଆଇନ୍‌ଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା ସମ୍ଭବ ନୁହେଁ। ସେହିପରି କୌଣସି ଅପରାଧ ଘଟିଲେ ଅପରାଧୀଙ୍କୁ ଧରିବା ପାଇଁ ମଧ୍ୟ ଜନ ପ୍ରତିନିଧି ଓ ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପଞ୍ଚାୟତ ସ୍ତରରେ ଜନ ପ୍ରତିନିଧିମାନଙ୍କ ମାଧ୍ୟମରେ ଅନେକ ସମସ୍ୟାର ସମାଧାନ ହୋଇଥାଏ। ତେଣୁ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ଥାନା ପକ୍ଷରୁ ଜନ ପ୍ରତିନିଧିମାନଙ୍କ ସହଯୋଗ ଲୋଡାଯିବ। ଏହି ସାକ୍ଷାତ ସମୟରେ ନିକିରାଇ ସରପଞ୍ଚସନତ କୁମାର ଜେନା, ଢୋଲ ସରପଞ୍ଚ ଝୁନା ମଲ୍ଲିକ, କୁତରଙ୍ଗ ଗ୍ରାମ ପଞ୍ଚାୟତର ଯୁବନେତା ନରୋତ୍ତମ ମଲ୍ଲିକ ଇନ୍ଦୁପୁର ସରପଞ୍ଚ ରୀନା ମଲ୍ଲିକ, ଧୂମାତ ସରପଞ୍ଚ ନରହରି ପାଣି, କୋରୋ ସରପଞ୍ଚ ତଅପୋଇ ମଲ୍ଲିକ, ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକ, ଛୋଟୀ ସରପଞ୍ଚ କୁମାର ଚନ୍ଦ୍ର ବଳ, ମଙ୍ଗଳପୁର ସରପଞ୍ଚ ପ୍ରଭାତ କୁମାର ମଲ୍ଲିକ, ଚାରିଗାଁ ସରପଞ୍ଚ ଭାରତୀ ମଲ୍ଲିକ, ପଳସିଂହା ସରପଞ୍ଚ କାଦମ୍ବିନୀ ମହାପାତ୍ର, ଘାଗରା ସରପଞ୍ଚ ରବିନ୍ଦ୍ର ମଲ୍ଲିକ, କଳାକାର ମଲ୍ଲିକ, ଶରତ କୁମାର ମଲ୍ଲିକ ଓ ଅନନ୍ତ ପ୍ରସାଦ ମଲ୍ଲିକଙ୍କ ସମେତ ନିକିରାଇ ଥାନାର ଏ.ଏସ.ଆଇ. ରଣେନ୍ଦ୍ର ସାମଲ ଏବଂ ଏ.ଏସ.ଆଇ. ଶରତ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ପକ୍ଷରୁ ୬ଦଫା ଦାବୀ ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ପ୍ରଦାନ

ଭୁବନେଶ୍ୱର , (ପି.ଏନ): ଆଜି ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ପକ୍ଷରୁ ମାନ୍ୟବର ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ୬ଦଫା ଦାବୀ ସୁବିଚାର ନିମନ୍ତେ ପ୍ରଦାନ କରିଥିଲେ । ଗ୍ରାମ୍ୟ ଶାନ୍ତି ରକ୍ଷାଙ୍କ ମୁଖ୍ୟ କର୍ତ୍ତବ୍ୟ ସମାଜ ସେବାରେ ସେମାନେ ସର୍ବଦା ନିୟୋଜିତ ରହିଛନ୍ତି । ଆବଶ୍ୟକ ସ୍ଥଳେ ସେମାନେ ସମାଜରେ ଶାନ୍ତି ରକ୍ଷା ପାଇଁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସେବା ଯୋଗାଇ ଆସୁଛନ୍ତି । ଏପରି କି ପୋଲିସ୍ ବିଭାଗକୁ ମଧ୍ୟ ସେମାନେ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇ ଆସୁଛନ୍ତି । ୧୯୬୭ମସିହାଠାରୁ ଅଦ୍ୟାବଧି ପର୍ଯ୍ୟନ୍ତ ସେମାନଙ୍କର ଅର୍ଥନୈତିକ ଅବସ୍ଥାପ୍ରତି ଦୃଷ୍ଟି ଆକର୍ଷଣ କରାଯାଇନାହିଁ । ସେମାନଙ୍କୁ ମାସିକ ମାତ୍ର ଟ୧୮୦୦ଙ୍କା ପାରିଶ୍ରମିକ ମିଳୁଛି । ଗ୍ରାମରକ୍ଷୀ ରୂପେ କାର୍ଯ୍ୟ ନିର୍ବାହ କରୁଥିବା ବେଳେ ଅନ୍ୟ କୌଣସି ସ୍ଥାୟୀ ବୃତି ଗ୍ରହଣ କରିବା ସମ୍ଭବ ନୁହେଁ । ଆଜିର ଏହି ଖର୍ଚ୍ଚ ବହୁଳ ଓ ମୁଦ୍ରାସ୍ଫିତିର ପରିସ୍ଥିତିକୁ ସମ୍ମୁଖୀନ କରିବା କଷ୍ଟସାଧ ସାଧାରଣ ଅଣକୁଶଳୀ ଶ୍ରମିକ ମାନଙ୍କ ଦୈନିକ ମଜୁରୀକୁ ଦୃଷ୍ଟି ନିକ୍ଷେପ କଲେ ସେମାନଙ୍କର ପାରିଶ୍ରମିକ ଅତି ନଗଣ୍ୟ । ମାତ୍ର ଏହି ଗୃହ ବିଭାଗ ଅଧିନରେ ହୋମଗାର୍ଡମାନେ ମାସିକ ଟ୯୦୦୦ଙ୍କା ପାଉଛନ୍ତି । ପୋଲିସ୍ ଆଧୁନିକକରଣ ବ୍ୟବସ୍ଥାରେ ହୋମଗାର୍ଡମାନେ ଯାହା ଦରମା ପାଇବେ ଗ୍ରାମରକ୍ଷୀମାନେ ସେହି ଦରମା ପାଇବାର ବ୍ୟବସ୍ଥା ଥିଲେ ମଧ୍ୟ ସେମାନେ ମାସିକ ଟ୧୮୦୦ଙ୍କା ପାଉଛନ୍ତି । ଏହା ଅତି ଆଶ୍ଚର୍ଯ୍ୟ ଓ ଚିନ୍ତାଜନକ ବିଷୟ ଅଟେ । ଗତ ତା୦୭.୦୮.୨୦୧୯ରିଖ ଓ ତା ୧୮.୦୧.୨୦୨୦ରିଖ ଏବଂ ତା ୨୬.୦୯.୨୦୨୧ରିଖରେ ଏହି ସବୁ ଘଟଣାକୁ ନେଇ ସେମାନେ ଆଗରୁ ଗୃହମନ୍ତ୍ରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କର ସମସ୍ୟାର ଖୁବ୍ ଶୀଘ୍ର ସମାଧାନ କରାଯିବ ବୋଲି ମାନ୍ୟବର ଗୃହ ମନ୍ତ୍ରୀ ନିର୍ଭର ପ୍ରତିଶୃତି ଦେଇଥିଲେ ମଧ୍ୟ ତାର ଏପର୍ଯ୍ୟନ୍ତ କୌଣସି ସୁବିଚାର ନ ହେବାରୁ ସେମାନେ ପୁନଶ୍ଚ ଏହି ୬ଦଫା ଦାବୀ ଗୃହ ମନ୍ତ୍ରୀଙ୍କୁ ପ୍ରଦାନ କରିବା ସହ ଆସନ୍ତା ୧୦.୧୨.୨୦୨୧ ରିଖ ଦିବା ୧୦ଘଟିକାରେ ଭୁବନେଶ୍ୱର ରେଳ ଷ୍ଟେସନ୍ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ବିଧାନସଭା ଆଗରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଏବଂ ଏଥିସହ ଦୁଃଖର ସହ ସେମାନେ ଜଣାଇଛନ୍ତି ଯେ, ଏହା ଦ୍ୱାରା ଜନସାଧାରଣଙ୍କର ଶାନ୍ତି ଶୃଙ୍ଖଳାରେ ବ୍ୟାଘାତ ଘଟିଲେ ସେମାନେ ଦାୟୀ ରହିବେ ନାହିଁ । ସେମାନଙ୍କର ପ୍ରମୁଖ ଦାବୀ ମଧ୍ୟରେ ରହିଛି - ଗ୍ରାମ ରକ୍ଷୀମାନଙ୍କୁ ସରକାରୀ କର୍ମଚାରୀ ରୂପେ ଘୋଷଣା କରାଯାଉ । ଗ୍ରାମ ରକ୍ଷୀମାନଙ୍କର ଦରମା ୧୫ହଜାର ଘୋଷଣା କରାଯାଉ ଏବଂ ବରିଷ୍ଠତାକୁ ଭିତି କରି ସେମାନଙ୍କୁ ପଦୋନ୍ନତି ଦିଆଯାଉ । ଯଦି କୌଣସି ଗ୍ରାମରକ୍ଷୀ ମୃତ୍ୟୁବରଣ କରେ, ତେବେ ସେମାନଙ୍କ ଉତରାଧିକାରୀକୁ ଅନୁକମ୍ପାମୂଳକ ନିଯୁକ୍ତି ଦିଆଯିବା ସହ ସେମାନଙ୍କୁ ସ୍ୱାସ୍ଥ୍ୟବୀମା ଅନ୍ତର୍ଭୂକ୍ତ କରାଯାଉ ଏବଂ ଖାଲିଥିବା ପଦବୀଗୁଡିକ ତୁରନ୍ତ ପୂରଣ କରାଯାଉ । ଉପରୋକ୍ତ ଦାବୀଗୁଡିକୁ ଠିକ୍ ଭାବୁେ ବିଚ୍ର କରାଗଲେ ପ୍ରାୟ ୧୫,୦୭୮ ପରିବାର ଉପକୃତ ହୋଇପାରିବେ । ଏହି ଦାବୀ ପ୍ରଦାନ ଉତ୍ସବରେ ସଂଘର ସଭାପତି କନିଷ୍କ ବୋଧିସତ୍ୱ, ଉପ ସଭାପତି ପ୍ରତାପ ଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ଅନନ୍ତ ମଣ୍ଡଳ,ସମ୍ପାଦକ ରସାନନ୍ଦ ଦାସ ମହାପାତ୍ର, ସହ ସମ୍ପାଦକ ବଟକୃଷ୍ଣ ମଲ୍ଲିକ, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ସେଠୀ, କୋଷାଧକ୍ଷ ପ୍ରଭାକର ଦାସ ଏବଂ ସହ କୋଷାଧକ୍ଷ ଆୟୁବ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି। ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାୱାଟ୍‌ରେ ପହଂଚିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି। ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ। ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି। ଏବେ ନୂଆ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଉତ୍ସ ପ୍ରତି ଧୀରେଧୀରେ ପ୍ରତିଟି କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଛି। ୨୦୧୮-୧୯ରେ ଅକ୍ଷୟ ଶକ୍ତି ଉତ୍ସ ଭାରତରେ ଗ୍ରୀଡ୍ ଅନୁରୂପତା ମାନ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଗତ ୧୦ ବର୍ଷ ଧରି ଅକ୍ଷୟ ଶକ୍ତି ଉତ୍ସର ଦାମ କମିବାରେ ଲାଗିଛି। ସମ୍ପ୍ରତି ବିକଳ୍ପ ଶକ୍ତି କ୍ଷେତ୍ରରେ ଡିସକମ୍, କ୍ୟାପ୍ ?ଯିଭ୍ ପାୱାର ପ୍ଲାଂଟ୍‌ର ଆବଶ୍ୟକତା ରହିଛି। ଏହା ଦ୍ୱାରା ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ସର ଅକ୍ଷୟ ଶକ୍ତି ସାର୍ଟିଫିକେଟ(ଆର୍‌ଇସି) କିଣାଯାଇ ପାରୁଛି। ଯାହାଦ୍ୱାରା ରେନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ସମ୍ପନ୍ନ ହୋଇପାରୁଛି। ଆର୍‌ଇସି ଏକ ମାର୍କେଟ୍ ବେସଡ୍ ଇନଷ୍ଟ୍ରୁମେଂଟ୍ ଯାହାକି ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଛି। ଯାହାଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ। ଫଳରେ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ୍ ଏବଂ ଡିସକମ୍ ଆଦି ରେନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଅନ୍ତର୍ଗତ ଅକ୍ଷୟ ଶକ୍ତି ଉତ୍ସ ନ ଥିବା ଅବା ୨୭୦ ଦିନର ସୂର୍ଯ୍ୟାଲୋକ ପଡୁଥିବା ଅଂଚଳ କିମ୍ବା ଉପକୂଳ ଅଂଚଳରେ ମେଘୁଆ ପାଗ ସତ୍ତ୍ୱେ ବିଦ୍ୟୁତ୍ ଉପଲବ୍ଧ ସମ୍ଭବ ହୋଇପାରିବ। ରିନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ। ସୋଲାର ଆର୍‌ଇସି ଦାମ ୟୁନିଟ୍ ପିଛା ୨.୨୫ ଟଙ୍କା ଥିବାବେଳେ ସୋଲା ପାୱାର ଯାହାକି ପାୱାର ସହିତ ଆର୍‌ଇସି ସାର୍ଟିଫିକେଟ ଯୁକ୍ତ, ତାହାର ଦାମ ୨୦୧୭-୧୮ ଆର୍ଥିକ ବର୍ଷରେ ହାରାହାରି କିଲୋୱାଟ୍‌ଘଂଟା ପ୍ରତି ୨.୫୦ଟଙ୍କାରେ ନିଲାମ କରାଯାଇଛି। ଏସମ୍ପର୍କରେ ରେଗୁଲେଟାରୀ ଏକ୍ସପର୍ଟ ଏବଂ କନସଲଟାଂଟ୍ ମନିଶ୍ ଗର୍ଗ କୁହନ୍ତି, ଭାରତରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ବଢ଼ିଲେ ଏହାର ପରୋକ୍ଷ ପ୍ରଭାବ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ। ସେମାନେ ବିଦ୍ୟୁତ୍ ପାଇଁ ପୈଠ କରୁଥିବା ଅଧିକ ଦାମ କମିଯିବାର ଆଶା ରହିବ। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ମୂଲ୍ୟ କମିଲେ ଉପଭୋକ୍ତାମାନେ ବେଶ୍‌ଉପକୃତ ହୋଇ ପାରିବେ। ଏହାଦ୍ୱାରା ନିବେଶକ ଏବଂ ଉପଭୋକ୍ତା ଲାଭାନ୍ୱିତ ହୋଇପାରିବେ। ଉପଭୋକ୍ତାଙ୍କ ଅନାବଶ୍ୟକ ଖର୍ଚ୍ଚ କମିଯିବାର ସମ୍ଭାବନା ରହିବ। ଆର୍‌ଇସିର ସଂଶୋଧନ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଳମ୍ବ ହେଲେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯିବ।




# କୋଣାର୍କ ଉତ୍ସବ ଓ ବାଲୁକା କଳା ପ୍ରଦର୍ଶନୀ-୨୦୨୧ ଉଦ୍‌ଘାଟିତ



କୋଣାର୍କ (ପିଏନ୍)- କୋଭିଡ କଟକଣା ମଧ୍ୟରେ ବୁଧବାର ଏକ ମନୋରମ ସନ୍ଧ୍ୟାର ପରିବେଶ ମଧ୍ୟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ସଂସ୍କୃତି ବିଭାଗ ପକ୍ଷରୁ କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ-୨୦୨୧ ଉଦ୍‌ଘାଟିତ ହୋଇଯାଇଛି । ଉତ୍କଳୀୟ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟର ଚରମ ନିଦର୍ଶନ ତଥା ପୂର୍ବ ଏସିଆର ଏକମାତ୍ର ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିରର ଉତ୍ତର ପାର୍ଶ୍ୱରେ ଅବସ୍ଥିତ ମୁକ୍ତାକାଶରଙ୍ଗମଞ୍ଚର ଚତୃପାର୍ଶ୍ୱ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ ହୋଇଥିବା ବେଳେ ସବୁଜିମାଭରା ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ପଞ୍ଚଦିବସୀୟ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଚଳିତ ବର୍ଷର କୋଣାର୍କ ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦଘାଟନ କରିବାପରେ ମଞ୍ଚରେ ବିରାଜମାନ କରିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶମିର ରଞ୍ଜନ ଦାଶ, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କ୍ରୀଡା ଯୁବସେବା ଓ ସୂଚନା ପ୍ରଯୁକ୍ତି ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ସଚିବ ସୁରେନ୍ଦ୍ର କୁମାର, ଏସ୍‌ଆଇର ଭୁବନେଶ୍ୱର ସର୍କଲ ସୁପରିଟେଣ୍ଡେଣ୍ଟ ଅରୁଣ ମଲ୍ଲିକ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଆର ବାଲ କ୍ରିଷ୍ଣାନ, ଓଏଲଏଲସି ସଚିବ ନିକୁଞ୍ଜ ବିହାରି ଧଳ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ନୂଆଦିଲ୍ଲୀର ନୃତ୍ୟାଙ୍ଗନା ପଦ୍ମଶ୍ରୀ ମାଧବୀ ମୁଦଗଲ ଓ ସାଥୀ ନୃତ୍ୟଶିଳ୍ପୀମାନଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟରେ ପରିବେଷଣ କରରଯାଇଥିଲା ଶିଳ୍ପୀମାନେ ଗଜାନନଙ୍କ ସ୍ତୁତିରେ ନୃତ୍ୟ ପରିବେଷର କରି ସାନ୍ଧ୍ୟ ଅଧିବେଶନର ପ୍ରଥମାର୍ଘରେ ଭକ୍ତିମୟ ପରିବେଶ ଶୃଷ୍ଟି କରିଥିଲେ । ପ୍ରଥମ ସନ୍ଧ୍ୟାର ଦ୍ୱିତୀୟ ପର୍ଯ୍ୟାୟରେ ନୂଆ ଦିଲୀର ଭାସ୍ୱତୀ ମିଶ୍ର ଓ ସାଥୀ ନୃତ୍ୟଶିଳ୍ପୀମାନେ କଥକ ନୃତ୍ୟରେ ଶିଳ୍ପୀମାନେ ନଟରାଜ ଶିବଙ୍କ 'ଶିବମ ପଞ୍ଚାକ୍ଷର'ରେ ସ୍ତୁତିରେ ନିଖୁଣ ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ । ଆଜି ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପକ ଡଃ ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣି । ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୀନା ମହାପାତ୍ର, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ଆର ଯାଦବ, ରାଜ୍ୟ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୀନା ମହାପାତ୍ର, ଓଡିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ସଙ୍ଗୀତା ଗୋସାଇଁ, ପୁରୀ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ପରିଚାଳନା କରିଥିଲେ । ଏହି ଅବସରରେ ଅପରାହ୍ନ ୬ଟାରେ ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବକୁ ବାଲୁକାଶିଳ୍ପୀଙ୍କ ଗହଣରେ ଅତିଥିମାନେ ବେଲୁନ ଉଡ଼ାଇ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବର ଅତିଥିମାନଙ୍କ ସହ ବ୍ରାଣ୍ଡ ଆମ୍ବାସାଡ଼ର ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଉପସ୍ଥିତ ଥିଲେ । ବାଲୁକା କଳା ଉତ୍ସବରେ ଏକଶହ ଜଣ ବାଲୁକା ଶିଳ୍ପୀ ଯୋଗଦେଇ ବାଲୁକା କଳା ପ୍ରଦର୍ଶନ କରୁଛନ୍ତି । ଏହି ଆକର୍ଷଣୀୟ ବାଲୁକା କଳାକୁ ପାଞ୍ଚଦିନବ୍ୟାପୀ ଦର୍ଶକମାନେ ମନଭରି ଉପଭୋଗ କରିବେ। ବାଲୁକା କଳା ଓ ଶାସ୍ତ୍ରୀୟ ନୃତ୍ୟସଙ୍ଗୀତର ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଆସୁଥିବା ପର୍ଯ୍ୟଟକମାନେ ସାମାଜିକ ଦୂରତା ସହିତ ମାକ୍ସର ବ୍ୟବହାର ଓ ସାନିଟାଇଜରକୁ କଡାକଡି କରାଯାଇଛି । ଶାରୀରିକ ଅସୁସ୍ଥ ଓ ଦିବ୍ୟାଙ୍ଗ ଦର୍ଶକଙ୍କ ପାଇଁ ହୁଇଲ ଚେୟାରର ବ୍ୟବସ୍ଥା। କରାଯାଇଛି।





## ଶିଶୁ ପଡିଥିବା ମିଥ୍ୟା ଗୁଜବକୁ ନେଇ ପୋଲିସ ଓ ଅଗ୍ନିଶମ ବାହିନୀ ହିନସ୍ତା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହର ଅନ୍ତର୍ଗତ ମହିପାଳର ଏକ ପୋଖରୀରେ ଏକ ଶିଶୁ ପଡିଥିବା ନେଇ କେନ୍ଦ୍ରାପଡା ଟାଉନ ଥାନାକୁ ଏକ ଖବର ମିଳିଥିଲା। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ଦେଖିବାରେ ସେହି ପୋଖରୀରେ କିଛି ଭାସୁଥିବାର ଦୂରକୁ ଦେଖାଯାଇଥିଲା। ପୋଲିସ ଅଗ୍ନିଶମ ବାହିନୀକୁ ଖବର ଦେବାରେ ସେମାନେ ମଧ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ଭିତରେ ପଶି ଖୋଜାଖୋଜି ଆରମ୍ଭ କରିଥିଲେ। ପୋଖରୀରେ ଭାସୁଥିବା ଏକ ବୁଜୁଳାକୁ ଅଗ୍ନିଶମ ବାହିନୀ କର୍ମଚାରୀ ପାଣିରୁ ଛାଣି ଉପରକୁ ଆଣିବା ପରେ ସେଥିରେ କେବଳ ଛିଣ୍ଡା କପଡା ଛଡା ଆଉ କିଛି ନଥିବା ଦେଖାଯାଇଥିଲା। ଫଳରେ ଟାଉନ ଥାନା ପୋଲିସ ଓ ଅଗ୍ନିଶମ ବାହିନୀର କର୍ମଚାରୀମାନେ ସେଠାରୁ ହିନସ୍ତା ହୋଇ ଫେରିଯିବାକୁ ବାଧ୍ୟ ହୋଇଥିଲେ।

## ମଧୁମେହ ଦିବସ ପାଳିତ

ଫୁଲନଖରା (ପିଏନ୍)-ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଭୀମପୁରଠାରେ ଥିବା ସ୍ୱାସ୍ଥ୍ୟସେବା ନର୍ସିଙ୍ଗହୋମ ତରଫରୁ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଓ ମହିଳାମାନେ ମଧୁମେହ ରୋଗ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବାକୁ ନଖରା-ନିଆଳି ରାସ୍ତାରେ ଶୋଭାଯାତ୍ରାରେ ବାହାରିଥିଲେ। ପରେ ଆୟୋଜିତ ସ୍ୱାସ୍ଥ୍ୟପରୀକ୍ଷା ଶିବିରରେ ଡାଇବେଟିସ ଡାକ୍ତର ଉତ୍କଳକିଶୋର ଖାଡ଼ଙ୍ଗା ଯୋଗଦେଇ ଲୋକମାନଙ୍କ ରକ୍ତ ଓ ଆଖି ପରୀକ୍ଷା କରିଥିଲେ। ସମାଜସେବୀ ସରୋଜକୁମାର ସାହୁ, ଯୁବନେତା ଶଶିଭୂଷଣ ଦାଶ, ରାକେଶକୁମାର ଦାସ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଧ୍ୟାପକ ଓ କର୍ମଚାରୀ ସମନ୍ୱୟ ସମିତି ବୈଠକ

ଫୁଲନଖରା (ପିଏନ୍)-ନଖରାଠାରେ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ୟୁଟିଆଇ ଏବଂ ଚୁକ୍ତିଭିତ୍ତିକ ଅଧ୍ୟାପକ କର୍ମଚାରୀ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୟୁଟିଆ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ଅଧ୍ୟକ୍ଷତା କରି ଓଡ଼ିଶାର ବିକାଶରେ ନେହରୁଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ୟୁଟିଆ ସାଧାରଣ ସମ୍ପାଦକ ଡଃ ବ୍ରଜକିଶୋର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚୁକ୍ତିଭିତ୍ତିକ ଅଧ୍ୟାପକ ଓ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆର୍ଥିକ ଦୁର୍ବଳ ବର୍ଗ ସର୍ବଭାରତୀୟ ସଂଘ ସଭାପତି କୁଳମଣି ମିଶ୍ର ମୁଖ୍ୟ ବକ୍ତାଭାବେ ମଞ୍ଚାସୀନ ରହି ପଣ୍ଡିତ ନେହରୁଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ସଂରକ୍ଷଣ ପ୍ରକ୍ରିୟା ଉଚ୍ଛେଦ କରି ଦକ୍ଷତା ଭିତ୍ତିରେ କର୍ମଚାରୀ ଚୟନ ଉପରେ ଗୁରୁତ୍ୱାରୋପ କରିଥିଲେ। କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥିଭାବେ ଉପସ୍ଥିତ ହୋଇ ଆଧୁନିକ ଭାରତ ଗଠନରେ ନେହରୁଙ୍କ ଅବଦାନ ବାବଦରେ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ କୁସୁମକୁମାରୀ ସାହୁ, ଭଗବାନ କୋଦାମସିଂ, ପ୍ରବୀଣା ପଟ୍ଟନାୟକ, ପ୍ରିୟଦର୍ଶିନୀ ପୂଜାପଣ୍ଡା, ରବିନ୍ଦ୍ର ସାମନ୍ତରାୟ, ସାମ୍ବାଦିକ ରମେଶଚନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଚୁକ୍ତିଭିତ୍ତିକ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ନେହରୁଙ୍କ ଫଟୋଚିତ୍ର ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହୋଇଥିଲା। ରାଜେଶ ପ୍ରତିହାରୀ, ନିବେଦିତା ରାଉତରାୟ, ରଶ୍ମିତା ଖଣ୍ଡେଇ ଓ ଚିନ୍ମୟ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା ଓ ପୁଣ୍ୟଦର୍ଶନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି ଓ କୃଷକ ସମସ୍ୟା ନେଇ ପିସିସି କିଷାନ କଂଗ୍ରେସ କାର୍ଯ୍ୟକାରିଣୀରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି



ଭୁବନେଶ୍ୱର (ପିଏନ୍)-ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କଂଗ୍ରେସ ଭବନ କାର୍ଯ୍ୟାଳୟଠାରେ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଂଜନ ପଟ୍ଟନାୟକ, ପିସିସି କିଷାନ କଂଗ୍ରେସ ଦାୟିତ୍ୱରେ ଥିବା ପିସିସି ଉପସଭାପତି ତଥା ବିଧାୟକ ସନ୍ତୋଷ ସିଂହ ସାଲୁଜା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପିସିସି ଉପସଭାପତି ଶିବାନନ୍ଦ ରାୟ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପିସିସି ରାଜୀବ ଗାନ୍ଧୀ ସଂଗଠନର ଅଧ୍ୟକ୍ଷ ସୁଦର୍ଶନ ଦାସ ଯୋଗଦେଇ ରାଜ୍ୟରେ ଚାଷୀମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍ଗିନ, ଓଡ଼ିଶାର ଚାଷୀଙ୍କ ଆୟ ତଳଆଡୁ ମାସିକ ୫୧୧୨ଟଙ୍କା ଫଳରେ ଏହା ହେଲା ରାଜ୍ୟ ବିଜେଡ଼ି ସରକାରର ୨୧ ବର୍ଷ ଶାସନର ସଫଳତା। ମଣ୍ଡି ଅବ୍ୟବସ୍ଥାଠାରୁ ଜଳସେଚନ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ବିଫଳ। ଚାଷୀ ଆତ୍ମହତ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ସରକାର ଏଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନ ଓ ନିରବଦ୍ରଷ୍ଟା। କେନ୍ଦ୍ର ଓ ରାଜ୍ୟ ଯେତେଗୁଡ଼ିଏ ଯୋଜନା ପ୍ରଣୟନ କରିଛନ୍ତି ତାହା କେବଳ ପ୍ରସାର ଓ ପ୍ରଚାରସର୍ବସ୍ୱ ଏଥିରେ ଚାଷୀର କୌଣସି ବିକାଶ ହୋଇପାରିନାହିଁ। ଏହି ଉଭୟ ସରକାର ଚାଷୀଙ୍କ ପ୍ରତି ଚରମ ଉଦାସୀନତା ଋଷୀକୂଳକୁ ବ୍ୟଥିତ କରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ କହିଲେଯେ ଯେପର୍ଯ୍ୟନ୍ତ ଋଷୀ ଓ ଚାଷର ଉନ୍ନତି ନ ହୋଇଛି ସେପର୍ଯ୍ୟନ୍ତ ରାଜ୍ୟର ପ୍ରଗତି ଅସମ୍ଭବ। ବିଜେଡ଼ି ସରକାର ଅମଳରେ ଋଷୀକୁଳ ତଳିତଳାନ୍ତ ହେଲେଣି। କଂଗ୍ରେସ ଦଳ ପକ୍ଷରୁ ପଂଚାୟତ ସ୍ତରରୁ କିଷାନ କଂଗ୍ରେସ ସଂଗଠନକୁ ସୁଦୃଢ଼ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ଚାଷୀ କୁଳର ବୃହତର ସ୍ୱାର୍ଥରକ୍ଷା ଓ ସେମାନଙ୍କର ହକ ପାଇଁ ଆଗାମୀ ଦିନରେ କିଷାନ କଂଗ୍ରେସ ପକ୍ଷରୁ ପଂଚାୟତ ସ୍ତରରୁ ଲଢ଼େଇ ଜାରି ରହିବ ବୋଲି ଆଜିର ବୈଠକରେ ନିଷ୍ପତି ନିଆଯାଇଛି। ଡିସେମ୍ବର ୧୫ ତାରିଖ ଦିନ ବିଧାନ ସଭା ସମ୍ମୁଖରେ କିଷାନ କଂଗ୍ରେସର ଧାରଣା ଓ ପ୍ରତିବାଦ। ଚଳିତ ଖରିଫ ଧାନ ସଂଗ୍ରହରେ ଋଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରତି ମଣ୍ଡିକୁ କିଷାନ କଂଗ୍ରେସ ଜଗିବା ସହ ସ୍ଥାନୀୟ କୃଷି କୃଷକ ସମସ୍ୟା ନେଇ ପ୍ରତି ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯିବ ବୋଲି କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି। ବର୍ତ୍ତମାନ ଗ୍ରାମାଂଚଳର କୃଷି ଭିତିଭୂମି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ। ସରକାର ସମବାୟ ନିର୍ବାଚନକୁ ଜାଣିଶୁଣି ନ କରାଇ ସରକାରୀ କରିଡ଼ରରେ ବାନ୍ଧି ରଖିବା, ଆଳୁ ମିଶନ ଓ ପିଆଜ ମିଶନ ଫେଲ୍, ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ଅଭାବ, ମଣ୍ଡି ପରିଚାଳନାରେ ବ୍ୟାପକ ଅବବ୍ୟସ୍ଥା, ଏମ.ଏସ୍.ପି ବୃଦ୍ଧି କରା ନ ଯିବା, କୃଷକ କମିଶନ୍ ଓ ଭାଗଚାଷୀ ଆଇନ୍ ଶୀତଳ ଭଣ୍ଡାରରେ ପଡ଼ିଥିବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବ୍ୟାପକ ଚଂଚକତା, ମନରେଗା ଜରିଆରେ ବ୍ୟାପକ ହରିଲୁଟ୍, କାଳିଆ, ବଳିଆ ଓ ପି.ଏମ୍. କିଷାନ ଯୋଜନା ୬୦ ପ୍ରତିଶତ ଚାଷୀ ଅଂର୍ଭୁକ୍ତ ନ ହେବା ପ୍ରଭୃତି ଏ ସରକାରର ଚାଷୀଙ୍କ ବିକାଶର ପ୍ରକୃତ ଚେହେରାକୁ ପଦାରେ ପକାଇଛି ବୋଲି କିଷାନ କଂଗ୍ରେସ ପ୍ରତିନିଧିମାନେ ତୀବ୍ର ସମାଲୋଚନା କରିଥିଲେ।

ଏମ୍.ଏସ୍.ପିରେ ଆଇନଗତ ଗ୍ୟାରେଣ୍ଟି ଅଦିନିଆ ବର୍ଷା ଓ ଚକଡ଼ା ପୋକରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୨୦ ହଜାର ଟଙ୍କା ସହାୟତା, ମୃତକ ଚାଷୀ ପରିବାରଙ୍କୁ ଅନୁକମ୍ପାମୂଳକ ୨୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ, ରାଜ୍ୟରେ ପନିପରିବା ଉତ୍ପାଦନ ଦିଗରେ ଗୁରୁତ୍ୱ, ପ୍ରତି ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ, ଅଚଳ କୃଷି ଭିତିକ ଶିଳ୍ପଗୁଡ଼ିକର ପୁନରୁଦ୍ଧାର ଓ ନୂତନ କୃଷି ଭିତିକ ଶିଳ୍ପ ପ୍ରତିଷ୍ଠା, ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼, ଧାନ କ୍ୱିଣ୍ଟାଲ ପିଛା ୨୯୩୦ ଟଙ୍କାକୁ ବୃଦ୍ଧି, ଚାଷ କାର୍ଯ୍ୟପାଇଁ ମାଗଣା ବିଜୁଳି, ଭାଗଚାଷୀ ସୁରକ୍ଷା ଆଇନ ପ୍ରଣୟନ, ରିଲିଫ୍ କୋର୍ଡ଼ ସଂଶୋଧନ, ପ୍ରଚଳିତ କୃଷିନୀତିର ଆମୂଳଚୂଳ ପରିବର୍ତନ, ସମସ୍ତ ଚାଷୀଙ୍କୁ ମାସିକ ୩ ହଜାର ଟଙ୍କା ଭତା ପ୍ରଦାନ, କ୍ଷତି ଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଫସଲବୀମା ସହାୟତା ପ୍ରଦାନ, ରାଜ୍ୟର ସମସ୍ତ ଚାଷୀଙ୍କୁ ପି.ଏମ୍. କିଷାନ, କାଳିଆ ଯୋଜନାରେ ଅଂର୍ଭୁକ୍ତ କରିବା, ଚାଷ କାର୍ଯ୍ୟପାଇଁ ଜଳସେଚନକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଦୃଢ଼ ଦାବୀ କରାଯାଇଛି। ଏଥି ସହିତ ତୁରନ୍ତ ସମବାୟ ନିର୍ବାଚନ କରିବା ଏବଂ ସମବାୟ ସେବା ସମିତିଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ମାନ୍ୟତା ଓ ୭ମ ବେତନ କମିଶନ ହାରରେ ସେମାନଙ୍କୁ ବେତନ ପ୍ରଦାନ କରିବାକୁ ଦାବୀ କରାଯାଇଛି। ପରିଶେଷରେ କିଷାନ କଂଗ୍ରେସର ରାଜ୍ୟ ଉପ ସଭାପତି ସୁବାଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଭାପତି ରଘୁନାଥ ପଲ୍ଲିଆ, ବୃନ୍ଦାବନ ଖଟେଇ, ନରେନ୍ଦ୍ର ପଣ୍ଡା, ଦାଶରଥି ସାହୁ, ବିପ୍ରବର ସାହୁ, ଦେବ ଲୋଭାନ, ସଂଜିବ ନାୟକ, ନିରନ ବେହେରା, ସ୍ୱପ୍ନେଶ୍ୱର ପୃଷ୍ଟି, ବସନ୍ତ ମହାରଣା, ରାମନାରାୟଣ ବିଶ୍ୱାସ, ଯଶୋଦାନନ୍ଦନ ସିଂ, ପଦ୍ମଚରଣ ସାହୁ, ଅରବିନ୍ଦ ସାମଲ, ଧୃବଚରଣ ପରିଡ଼ା, ନାରାୟଣ ପରିଡ଼ା, ସଦାନନ୍ଦ ଓଝା ପ୍ରମୁଖ ସମସ୍ତ ଜିଲ୍ଲା କିଷାନ କଂଗ୍ରେସ ସଭାପତି ଓ ରାଜ୍ୟ କମିଟି କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ।

## ବେଲବାହାଳିରେ ମା'କାଳୀଙ୍କ ପୂଜା ସମ୍ପନ୍ନ

ଆନନ୍ଦପୁର (ପିଏନ୍):କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ଗ୍ରାମରେ ଦୀର୍ଘ ୫୧ ବର୍ଷ ଧରି ବହୁ ଧୁମ୍‌ଦାମ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ପାର୍ଟି ଏବଂ ମୀନାବଜାର ବସାଯାଇ କାଳୀପୂଜା ଉତ୍ସବ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ୫୨ବର୍ଷ କାଳୀପୂଜା ଅବସରରେ କୋଭିଡ୍ କଟକଣାକୁ ଆଖି ଆଗରେ ରଖି ନିରାଡମ୍ବର ସହ ଅଳ୍ପ କିଛି ଦୋକାନ ବଜାର ବସାଯାଇ କମିଟି ପକ୍ଷରୁ ସମସ୍ତଙ୍କୁ ମାସ୍କ, ସାନିଟାଇଜର ଦେଇ କାଳୀପୂଜା ଉତ୍ସବ ପାଳନ କରାଯାଇଛି । ପ୍ରତିଦିନ ସନ୍ଧ୍ୟାରେ ଲାଇଟ୍ ଗେଟ୍ ସହ ଭଜନ କୀର୍ତ୍ତନ ରେ ପୁରି ଉଠିଥିଲା ବେଲବାହାଳି କାଳୀପୂଜା ଉତ୍ସବ । ପ୍ରତିଦିନି ଅତିଥିମାନେ ଯୋଗଦେଇଥିବା ବେଳେ ଆନନ୍ଦପୁର ଅଂଚଳର ବିଜେଡି ନେତା ଶାନ୍ତନୁ କୁମାର ସେଠୀ, ଅରୁଣ ସାହୁ, ପଦ୍ମଲୋଚନ ସାହୁ ଏବଂ ଅନ୍ୟ ରାଜନେତାମାନେ ଯୋଗଦାନ କରିଥିଲେ । ଏଥିରେ କମିଟିର ସଭାପତି ଜେନା ଓ ସମ୍ପାଦକ ମଇନ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ କମିଟିର ସଦସ୍ୟମାନେ ଶାନ୍ତିଶୃଙ୍ଖଳା ରକ୍ଷାକରିବା ସହିତ ସରକାରଙ୍କ ନିୟମ କଟକଣାକୁ ମାନିବା ପାଇଁ ଲୋକମାନଙ୍କୁ ବୁଝାଇଥିଲେ। ଏଥିସହ ଗତ ନଭେମ୍ବର ମାସ ୧୨ତାରିଖରୁ ୧୬ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ତୁଳସୀ ଗଣନାଟ୍ୟ ବେଲବାହାଳି କାଳୀପୂଜା ଉପଲକ୍ଷେ ନାଚ ପରିବେଷଣ କରିଥିଲା। ଏଥିରେ ସମସ୍ତ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟକ୍ରମ କରାଯାଇଥିଲା ବୋଲି କମିଟି ପକ୍ଷରୁ କୁହାଯାଇଛି ।

## ଦଳ ଛାଡିଲେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଦୀପ କୁମାର ସାହୁ

ଖୋର୍ଦ୍ଧା (ପିଏନ)- ଜାତୀୟ କଂଗ୍ରେସ ଦଳ ଓଡିଶାରେ ଦିନକୁ ଦିନ ଦୁର୍ବଳ ହୋଇଚାଲିଥିବା ସମୟରେ ଟାଣୁଆ ନେତା ଓ କର୍ମୀମାନେ ବିଜେଡିମୁହାଁ ହୋଇଥିବାର ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି । ପୂର୍ବରୁ କଂଗ୍ରେସର ପୂର୍ବତନ ବିଧାୟକ ପ୍ରଦୀପ କୁମାର ମାଝୀ କଂଗ୍ରେସ ଦଳ ଛାଡି ବିଜେଡିରେ ମିଶିଥିଲେ। ଏବେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଦୀପ କୁମାର ସାହୁ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫାର ଦାବୀପତ୍ର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପାଖକୁ ପ୍ରେରଣ କରିଛନ୍ତି। ସେ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବରେ କାର୍ଯ୍ୟ କରିଆସୁଥିବା ସମୟରେ ଦଳ ତାଙ୍କୁ ସାଙ୍ଗଠନିକ ସେବା କ୍ଷେତ୍ରରେ ଅଣଦେଖା କରିଆସୁଥିଲା। ଶ୍ରୀ ସାହୁ ବିଗତ ଦିନରେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ଛିଡା ହୋଇ ୫୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇ ପରାଜୟ ବରଣ କରିଥିଲେ । ତେବେ କଂଗ୍ରେସରୁ ଇସ୍ତଫା ଦେବା ପରେ ଭୁବନେଶ୍ୱର ବିଜେଡି କାର୍ଯ୍ୟାଳୟ ପରିସରରେ ନିଜ କର୍ମୀମାନଙ୍କ ସହିତ ବିଜେଡିରେ ମିଶିବେ ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି।

## ବେଗୁନିଆରେ ଶିଶୁ ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ସଦର ମହୁମାର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ସଂଘର ସହଯୋଗ ଓ ଶିଶୁ ବିକାଶ ପାଣ୍ଠିର ତତ୍ୱାବଧାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏ ନେଇ ଆୟୋଜିତ ସଭାରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାମଚନ୍ଦ୍ର ଷଣ୍ଢଙ୍କ ପୌରୋହିତ୍ୟ ଓ ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ଶିକ୍ଷାଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର ମୁଖ୍ୟ ବକ୍ତା, ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ସମ୍ପାଦକ ବିଭୁପ୍ରସାଦ ସାହୁ, ବିଆରସିସି ଦୋଲ୍ଲୀପ କୁମାର ସାହୁ, ଖୋର୍ଦ୍ଧା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଗାଧୁ ସେଠୀ, ସମ୍ପାଦକ ଗୋପାଳ ସେନ ଓ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁର ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ଅଭିଭାବକ ଓ ଗୁରୁଜନମାନେ ଚେଷ୍ଟା କରିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଅତିଥିମାନେ ୧୫ ଜଣ ଗରିବ ଛାତ୍ରଙ୍କୁ ପାଠ ପଢିବା ପାଇଁ ଶିଶୁ ବିକାଶ ପାଣ୍ଠି ପକ୍ଷରୁ ସହଯୋଗର ହାତ ବଢାଇ ଆର୍ଥିକ ସହାୟତା ଦିଆଯାଇଥିଲା। ସଭାର ପ୍ରାରମ୍ଭରେ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷକ ନାରାୟଣ ମାନସିଂହ ଧନ୍ୟବାଦ ଅର୍ପଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଧର୍ମଶାଳାରେ ଜଳ ଜାଗରଣ ଅଭିଯାନ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକା ନିକଟ ପଣ୍ଡୁଆଠାରେ ବାବା ଗୋକର୍ଣ୍ଣେଶ୍ୱର ଯୁବକ ସଂଘ ଓ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଜଳ ଜାଗରଣ ଅଭିଯାନ ଆଜି ଅନୁଷ୍ଠିତ ହୋଇଛି । ଧର୍ମଶାଳା କଲେଜ୍‌ର ପୂର୍ବତନ ଅଧ୍ୟାପକ ରାଧାଶ୍ୟାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜଳର ଆବଶ୍ୟକତା ଓ ଏହାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଗୋକର୍ଣ୍ଣେଶ୍ୱର ଯୁବକ ସଂଘ ସଭାପତି ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ସ୍ୱାସ୍ଥ୍ୟ କର୍ମଚାରୀ ଉମାକାନ୍ତ ସାହୁ, ଜଳ ବିଭାଗ ବିଶେଷଜ୍ଞ ନିରୋଜ କୁମାର ସେଠୀ ଓ ଶିକ୍ଷାବିତ୍ କୃଷ୍ଣପ୍ରସାଦ ପଣ୍ଡା ଅତିଥିଭାବେ ଯୋଗଦେଇ ଜଳକୁ କିପରି ବିଭିନ୍ନ ଉପାୟରେ ସଞ୍ଚିତ କରିହେବ ଆଲୋଚନା କରିଥିଲେ । ଏହି ଅବସରରେ ଅତିଥିମାନେ ଜଳ ଜାଗରଣ ସଂପର୍କୀତ ଫଟୋଚିତ୍ରକୁ ଉନ୍ମୋଚନ କରିଥିଲେ । ନେହେରୁ ଯୁବକେନ୍ଦ୍ର ସଂଯୋଜିକା ମାନସୀ ମଲିକ, ମଧୁସ୍ମିତା ସେଠୀ, ଅରୁଣ ରଣା ଓ ପ୍ରତାପ ବେହେରା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଯୁବକ ସଂଘ ସଂପାଦକ ସଂଜୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ମାନସ ରଣା, ରିତେଶ୍ ବେହେରା, ସୁଜିତ୍ ଦାସ, ଚନ୍ଦନ ଜେନା, ହୃଷୀକେଶ ପାତ୍ର ଓ ପ୍ରଶାନ୍ତ ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସ୍ୱେଚ୍ଛାସେବୀ ମନୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

# ପଡୋଶୀଙ୍କ ଆକ୍ରମଣରେ ମହିଳା ଗୁରୁତର

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଭବାନୀପୁର ପଞ୍ଚାୟତ ଭୁବନ(ପଣ୍ଡାସାହି) ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ଆଜି ସକାଳେ ଦୁଇ ପରିବାର ମଧ୍ୟରେ ମାଡପିଟ୍ ହୋଇଥିଲା । ଏଥିରେ ଜଣେ ପଡୋଶୀଙ୍କ ଆକ୍ରମଣରେ ଶିଶିର ପଣ୍ଡିତଙ୍କ ପତ୍ନୀ ଜୟନ୍ତୀ(୫୦) ଆହତ ହୋଇଛନ୍ତି । ପ୍ରତିପକ୍ଷଙ୍କ କାଠଫାଳିଆ ମାଡରେ ଜୟନ୍ତୀଙ୍କ ମୁଣ୍ଡ ଫାଟି ଯାଇଛି । ଜୟନ୍ତୀଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଦୁଇପକ୍ଷଙ୍କ ଅଭିଯୋଗ କ୍ରମେ ପୁଲିସ୍ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି । ଶିଶିରଙ୍କ ଜମିର କିଛି ଅଂଶକୁ ଜବରଦଖଲ କରି ପ୍ରତିପକ୍ଷ ଘର କରୁଥିବାରୁ ବିବାଦ ସୃଷ୍ଟି ହୋଇଥିବା ଜଣାପଡିଛି ।

# ବିଦାହେଲେ ୪ ସରକାରୀ ଅଧିକାରୀ

ଭୁବନେଶ୍ୱର, ୨।୧୨(ପି.ଏନ): ଅପରାଗତା ଓ ଦୁର୍ନୀତିଗ୍ରସ୍ତ ଆଉ ୪ ଜଣ ଅଧିକାରୀଙ୍କୁ ବିଦା କରିଛନ୍ତି ରାଜ୍ୟ ସରକାର। ୩ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ଏବଂ ଜଣେ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି। ଏହା ସହିତ ଦୁଇ ଜଣ ଅଧିକାରୀଙ୍କ ପେନ୍‌ସନ ମଧ୍ୟ ସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ବାଧ୍ୟତାମୂଳକ ଅବସର ପାଇଥିବା ୩ ଜଣଙ୍କ ମଧ୍ୟରୁ ସମ୍ବଲପୁର ମହାନଗର ନିଗମର କମ୍ୟୁନିଟି ଅର୍ଗାନାଇଜର (ଜଟଣୀ ମ୍ୟୁନିସିପାଲ୍‌ଟି ଓ ଛତ୍ରପୁର ଏନ୍.ଏ.ସି.ର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ) ଶ୍ରୀମତୀ ଲଳିତା କପୁରଙ୍କ ନାମରେ ଦୁଇଟି ଦୁର୍ନୀତି ଅଭିଯୋଗ ରହିଛି। ସରକାରୀ ଅର୍ଥ ଆତ୍ମସାତ କରିବା ସହିତ ଆହୁରି ଅନେକ ଦୁର୍ନୀତି ଅଭିଯୋଗ ତାଙ୍କ ନାମରେ ରହିଛି। ବେଲପାହାଡ ମ୍ୟୁନିସିପାଲ୍‌ଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀଙ୍କୁ ମଧ୍ୟ ଅପାରଗତା ଓ ଅସାଧୁତା ଯୋଗୁଁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ସେହିପରି ଝାରସୁଗୁଡା ମ୍ୟୁନିସ୍‌ପାଲିଟିର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନଙ୍କୁ ଅପାରଗତା, ଅସାଧୁତା ଓ ଆର୍ଥିକ ଅନିୟମିତତା ଯୋଗୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ପୁରୀ ଜିଲ୍ଲା ବେତାଲ ଆର.ଆଇ ସର୍କଲର ରାଜସ୍ୱ ନିରୀକ୍ଷକ ମନୋଜ କୁମାର ପରିଡାଙ୍କୁ ଦୁର୍ବ୍ୟବହାର, ବିଶୃଙ୍ଖଳା ଅଚରଣ ଓ କର୍ତବ୍ୟରେ ଅବହେଳା ଓ ଉଚ୍ଚପଦାଧିକାରୀଙ୍କ ନିର୍ଦ୍ଦେଶ ଅବମାନନା ଯୋଗୁ ଚାକିରୀରୁ ବହିଷ୍କୃତ କରାଯାଇଛି । ଉପରୋକ୍ତ ଚାରିଜଣଙ୍କ ସମ୍ପର୍କରେ ମଧ ମୋ ସରକାର ଲରରୟଭବମଳରେ ଜନସାଧାରଣ ପ୍ରତିକୂଳ ମତାମତ ଦେଇଥିଲେ ।ଏହାସହିତ ଓଡିଶା ପୋଲିସ ସେବା ଅଧିକାରୀ ବଲାଙ୍ଗୀରର ପୂର୍ବତନ ଅତିରିକ୍ତ ଏସ୍.ପି ତଥା ହୋମଗାର୍ଡର ପୂର୍ବତନ ଡି.ଏସ୍.ପି ଶ୍ରୀକାନ୍ତ ମିଶ୍ର ଏବଂ ଗଞ୍ଜାମ ବେଲଗୁଣ୍ଠା ବ୍ଲକ୍ ର ପୂର୍ବତନ ଏ.ଏଫ.ଓ ଏପିଲି ଉଦୟନାଥଙ୍କର ପେନ୍‌ସନକୁ ସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ସେମାନଙ୍କ ନାମରେ ଥିବା ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେବା ଯୋଗୁ ଏହି ପଦକ୍ଷେପ ନିଆଯାଇଛି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି । ଏହି ଆଭିମୁଖ୍ୟ ନେଇ ବର୍ତମାନ ସୁଦ୍ଧା ୧୪୦ ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇସାରିଛି।

# ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଉଁଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି। ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ଯ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ। ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

# କ୍ରିକେଟ୍ ଖେଳାଳୀଙ୍କ ଅକାଳ ବିୟୋଗ

ଧର୍ମଶାଳା,(ପିଏନ୍) ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ କଣ୍ଟାମାଳିଆ ଗ୍ରାମର ଯୁବ କ୍ରିକେଟର ଜିତେନ୍ଦ୍ର କୁମାର ଜେନା(୩୨)ଙ୍କ ଆଜି ସଂଧ୍ୟାରେ ଆକସ୍ମିକ ବିୟୋଗ ଘଟିଛି । ଜଣେ ବନ୍ଧୁଙ୍କ ବିବାହ ଉତ୍ସବରେ ବରଯାତ୍ରୀ ହୋଇ ବୁଧବାର ରାତିରେ ବଡଚଣା ବ୍ଲକ କୂଳହରିପୁର ଗାଁକୁ ଯାଇଥିଲେ । ଭୋଜି ଖାଇସାରି ହାତ ଧୋଉଥିବା ବେଳେ ଭାରସାମ୍ୟ ହରାଇ ସେ ଛାତ ଉପରୁ ହଠାତ୍ ତଳକୁ ଖସି ପଡିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ତୁରନ୍ତ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ସଂଧ୍ୟାରେ ପରଲୋକ ହୋଇଯାଇଛି । ଖବର ଜଣାପଡିବା ପରେ ଥାନୁଆଳ ସମେତ ଧର୍ମଶାଳା ଅଞ୍ଚଳରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ସ୍ୱର୍ଗତ ପ୍ରସନ୍ନ କୁମାର ଜେନାଙ୍କ ସାନପୁଅ ଜିତେନ୍ଦ୍ର ଜଣେ ଆଗଧାଡିର କ୍ରିକେଟର ଭାବେ ସମଗ୍ର ଜିଲ୍ଲାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ବହୁ ଖେଳରେ ସେ ନିଜ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଆସନ୍ତାକାଲି ମରଶରୀର ଗାଁରେ ପହଁଚିବା ପରେ ଶେଷକୃତ୍ୟ ହେବ ବୋଲି ଜଣାଯାଇଛି ।

# ଖୋର୍ଦ୍ଧା ଜିଲ୍ଲାରେ ସବୁ କର୍ମଚାରୀଙ୍କ ଛୁଟି ବାତିଲ୍

ଭୁବନେଶ୍ୱର, ୨।୧୨(ପି.ଏନ): ସମ୍ଭାବ୍ୟ ବାତ୍ୟା ଜୱାଦର ଗତିପଥ ବର୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିଲେ ହେଁ ଏହାର ମୁକାବିଲା ଲାଗି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଆସନ୍ତା ୩ ଦିନ ଲାଗି କର୍ମଚାରୀ ମାନଙ୍କ ଛୁଟି ବାତିଲ କରିଛନ୍ତି ଜିଲ୍ଲାପାଳ। ଆଜିଠାରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର କର୍ମଚାରୀମାନେ ଛୁଟି ନେଇ ପାରିବେ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ଆଶ୍ରୟ ସ୍ଥଳ ପ୍ରସ୍ତୁତ କରି ରଖାଯାଇଛି। ଆଶ୍ରୟ ସ୍ଥଳରେ ପ୍ରଥମେ ଗର୍ଭବତୀ ମାନଙ୍କୁ ରଖିବା ଲାଗି ଅଗ୍ରାଧିକାର ଦିଆଯିବ। ବାତ୍ୟା ଜୱାଦର କିଭଳି ସଫଳ ମୁକାବିଲା କରାଯିବ, ସେଥିପାଇଁ ପ୍ରସ୍ତୁତି ନିର୍ଣ୍ଣୟ କରିଛନ୍ତି ଜିଲ୍ଲା ପ୍ରଶାସନ । ବାତ୍ୟାର ଚୂଡ଼ାନ୍ତ ପ୍ରସ୍ତୁତି, ଆଗୁଆ ପଦକ୍ଷେପ, ପ୍ରଭାବିତ ହେବାକୁ ଥିବା ଅଂଚଳରେ ଥଇଥାନ ସମ୍ପର୍କରେ ସବିଶେଷ ଯତ୍ନବାନ ଥିବା କହିଛନ୍ତି ଜିଲ୍ଲାପାଳ ।

# ରାଜ୍ୟରେ ବର୍ତମାନ ସୁଦ୍ଧା ୪ କୋଟି ୩୮ ଲକ୍ଷ ଟିକାକରଣ

ଭୁବନେଶ୍ୱର, ୨।୧୨(ପି.ଏନ): ବର୍ତମାନ ସୁଦ୍ଧା ରାଜ୍ୟରେ ୪ କୋଟି ୩୮ ଲକ୍ଷ ୨୧ ହଜାର ୭୦୮ ଟିକା ଦିଆସାରିଲାଣି। ଏଥିମଧ୍ୟରୁ ୨ କୋଟି ୭୯ ଲକ୍ଷ ୬ ହଜାର ୪୬୬ ଜଣ ପ୍ରଥମ ଡୋଜ ଟିକା ନେଇଛନ୍ତି, ଯାହା ୮୬ ପ୍ରତିଶତ। ସେହିପରି ୪୯ ପ୍ରତିଶତ ଲୋକ ବା ୧ କୋଟି ୫୯ ଲକ୍ଷ ୧୫ ହଜାର ୨୪୨ଦ୍ୱିତୀୟ ଡୋଜ ନେଇଛନ୍ତି। ୩ ଲକ୍ଷ ୬୪ ହଜାର ୫୯ ଜଣ ଗର୍ଭବତୀ ମହିଳା ଟିକା ନେଇଛନ୍ତି ।

# ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି, ସକ୍ରିୟ ମାମଲା ୪୭୩

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୦୨୪ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଛି ।

ସେହିପରି ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଚଂଳରୁ ୫ ଜଣ, ମାଲକାନଗିରି ବ୍ଲକରୁ ୭, ମାଥିଲି ବ୍ଲକରୁ ୩ ଜଣ, ଖଇରପୁଟ ବ୍ଲକରୁ ୪ ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୪ ଜଣ, ପଡ଼ିଆ ବ୍ଲକରୁ ୨ ଜଣ, ଏବଂ କାଲିମେଳା ବ୍ଲକରୁ ୩ ଜଣ ରହିଛନ୍ତି । ତନ୍ମଧ୍ୟରେ ଦୁଇ ଜଣ କରୋନା ଯୋଦ୍ଧା ରହିଛନ୍ତି ।

ଆଜି ଚିହ୍ନଟ ୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ୧୪ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୩ ଜଣ ସଂକ୍ରମିତ ହୋଇଛନ୍ତି ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

# ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି। ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ନିଆଯାଇଛି।

ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ। ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ। ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।

ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।

ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

# ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।

ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।

# ଅଚ୍ୟୁତ ସାମନ୍ତ କେନ୍ଦ୍ରୀୟ ଏସିଆ ଭଲିବଲ୍ ସଂଘର ସଦସ୍ୟ ମନୋନୀତ

ଭୁବନେଶ୍ୱର,(ପି.ଏନ): କନ୍ଧମାଳ ସାଂସଦ ତଥା ଭାରତୀୟ ଭଲିବଲ୍ ସଂଘର ସଭାପତି ଅଚ୍ୟୁତ ସାମନ୍ତ କେନ୍ଦ୍ରୀୟ ଏସିଆ ଭଲିବଲ୍ ସଂଘର ପ୍ରଶାସନିକ ବୋର୍ଡ (କାଭା) ସଦସ୍ୟ ମନୋନୀତ ହୋଇଛନ୍ତି। ଗୁରୁବାର ନୂଆଦିଲ୍ଲୀଠାରେ ଭର୍ଚୁଆଲ୍‌ରେ ଅନୁଷ୍ଠିତ କାଭା କାର୍ଯ୍ୟକାରିଣୀ ବୈଠକରେ କାଭା ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ଏହାର ପ୍ରଶାସନିକ ବୋର୍ଡ ସଦସ୍ୟ ମନୋନୀତ କରାଯାଇଛି। ୧୪ଟି ଦେଶର ଭଲିବଲ୍ ସଂଘର ସଦସ୍ୟ ଏହି ବୈଠକରେ ଯୋଗ ଦେଇଥିବା ବେଳେ ଅଚ୍ୟୁତ ସାମନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଏସିଆ ଭଲିବଲ୍ ସଂଘର ସଭାପତି ମହମ୍ମଦ ଲଥିଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକକୁ ଏସୀୟ ଭଲିବଲ୍ ମହାସଂଘର ସଭାପତି ଶ୍ରୀମତୀ ରିତା ସୁବଓ୍ୱ ଉଦ୍‌ଘାଟନ କରିଥିଲେ। ଏହି



ଅବସରରେ କେନ୍ଦ୍ରୀୟ ଏସିଆରେ ଭଲିବଲ୍‌ର ଉନ୍ନତି ନିମନ୍ତେ ବ୍ୟାପକ ଆଲୋଚନା ହୋଇଥିବା ବେଳେ ଅଚ୍ୟୁତ ସାମନ୍ତଙ୍କ ବହୁମୁଖୀ ପ୍ରତିଭା ଏବଂ ବିଶେଷ କରି କ୍ରୀଡ଼ା ପ୍ରତି ତାଙ୍କର ଅବଦାନକୁ ବିଚାରକୁ ନିଆଯାଇ ତାଙ୍କୁ କେନ୍ଦ୍ରୀୟ ଏସିଆ ଭଲିବଲ୍ ସଂଘର ସଦସ୍ୟ ମନୋନୀତ କରାଯାଇଥିଲା। ଏସୀୟ ଭଲିବଲ୍ ମହାସଂଘର ମହାସଚିବ କିଆଟିପଙ୍ଗ, ଏସୀୟ ଭଲିବଲ୍ ମହାସଂଘର କେନ୍ଦ୍ରାଞ୍ଚଳ କାର୍ଯ୍ୟକାରୀ ଉପସଭାପତି ରାମାବତାର ସିଂହ ଝାକର ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ୨୦୨୨ରେ ହେବାକୁ ଥିବା କେନ୍ଦ୍ରୀୟ ଏସିଆ ମହିଳା ଭଲିବଲ୍ ଚାମ୍ପିଅନ୍‌ସିପ୍ ଭାରତକୁ ଦେବା ପାଇଁ ଶ୍ରୀ ସାମନ୍ତ କାଭା କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ।

ଶ୍ରୀ ସାମନ୍ତଙ୍କ ଅନୁରୋଧ କ୍ରମେ ୨୦୨୨ରେ କେନ୍ଦ୍ରୀୟ ଏସିଆ ମହିଳା ଭଲିବଲ୍ ଚାମ୍ପିଅନ୍‌ସିପ୍ ଭାରତରେ ହେବା ନିମନ୍ତେ କାଭା ନିଷ୍ପତ୍ତି ନେଇଥିଲେ। ଏଥିରେ ଖୁସି ବ୍ୟକ୍ତ କରିବା ସହ ଓଡ଼ିଶା ସରକାରଙ୍କ ସହ ଆଲୋଚନା କରି ଭୁବନେଶ୍ୱରରେ ଏହି ଚାମ୍ପିଅନ୍‌ସିପ୍ ଆୟୋଜନ କରିବା ପାଇଁ ଉଦ୍ୟମ କରିବେ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ସୂଚନାଯୋଗ୍ୟ, କନ୍ଦ୍ରୀୟ ଏସିଆ ମହିଳା ଭଲିବଲ୍ ଚାମ୍ପିଅନ୍‌ସିପ୍‌ରେ ଭାରତ ସମେତ ଇରାନ, ଶ୍ରୀଲଙ୍କା, ପାକିସ୍ତାନ, କାଜାକିସ୍ତାନ ଏବଂ ଚାମ୍ପିଅନ୍‌ସିପ୍ ପାଇଁ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ୩ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ପରବର୍ତ୍ତୀ ସମୟରେ ଚାମ୍ପିଅନ୍‌ସିପ୍‌ର ତାରିଖ ଘୋଷଣା କରାଯିବ ବୋଲି କାଭା ପକ୍ଷରୁ କୁହାଯାଇଛି। ଡିସେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ବାଂଲାଦେଶର ଢାକାଠାରେ କାଭାର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଶ୍ରୀ ସାମନ୍ତ କେନ୍ଦ୍ରୀୟ ଏସିଆ ଭଲିବଲ୍ ସଂଘର ସଦସ୍ୟ ମନୋନୀତ ହେବା ପରେ ଭାରତୀୟ ଭଲିବଲ୍ ସଂଘର କର୍ମକର୍ତ୍ତାମାନେ ଖୁସି ବ୍ୟକ୍ତ କରିଛନ୍ତି। ନିଜ ପ୍ରତିକ୍ରିୟାରେ ଶ୍ରୀ ସାମନ୍ତ କହିଲେ ମୁଁ ଚାହୁଁ ନଥିଲେ ମଧ କ୍ରୀଡ଼ା କ୍ଷେତ୍ରରେ ମୋର କାର୍ଯ୍ୟ ଓ କ୍ରୀଡ଼ା ପ୍ରତି ରହିଥିବା ଅବଦାନକୁ ବିଚାରକୁ ନେଇ କାଭା ମୋତେ ଏହାର ପ୍ରଶାସନିକ ବୋର୍ଡରେ ସଦସ୍ୟ ମନୋନୀତ କରିଛି। ଏଥି ନିମନ୍ତେ ଶ୍ରୀ ସାମନ୍ତ କାଭାର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ଯୁବ ସମାଜସେବୀ ଶେଷ ରଂଜନ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳୀ ସଭା



ଚଣ୍ଡିଖୋଲ,(ପି.ଏନ୍): ଯୁବ ସମାଜସେବୀ ଶେଷ ରଂଜନ ମହାନ୍ତିଙ୍କ ଏକାଦଶାହ ତିଥିରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ସୁଙ୍ଗୁଡ଼ାସ୍ଥିତ ତୁଳସୀ ନଗର ଠାରେ ଅନୁଷ୍ଠିତ ହୋଇଯାଇଛି । ଧାନମଣ୍ଡଳ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଆଇନଜୀବୀ ଦେବରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ବଡ଼ଚଣାର ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଧାନମଣ୍ଡଳ ଅଂଚଳରେ କ୍ରୀଡ଼ାର ପ୍ରଚାର ପ୍ରସାର କ୍ଷେତ୍ରରେ ତାଙ୍କର ବହୁ ଅବଦାନ ଅବତାରଣା କରି ଶେଷ ରଂଜନଙ୍କ ସ୍ମୃତି ଚାରଣ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପକ ଉମେଶ ଚନ୍ଦ୍ର ରାଉତ, ବଡ଼ଚଣା ବିଜେଡ଼ି ବ୍ଲକ୍ ସଭାପତି ଅରବିନ୍ଦ ସାମଲ, ଆମ୍ବାର ଅଧ୍ୟକ୍ଷ ନିରଞ୍ଜନ ସେନାପତି, ଚଣ୍ଡିଖୋଲ କଲେଜ୍ ଅଧ୍ୟକ୍ଷ ଡ଼ଃ ବିରେନ୍ଦ୍ର କୁମାର ମିଶ୍ର, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ୍ ସଂପାଦକ ପ୍ରକାଶ କୁମାର ଦାସ, ପୂର୍ବତନ ସଂପାଦକ ଉଦୟନାଥ ସାହୁ, ଆଇନ୍‌ଜୀବୀ କୈଳାସ ଚନ୍ଦ୍ର ସାମଲ, ସୁରେଶ ଚନ୍ଦ୍ର ପଣ୍ଡା, ଜ୍ୟୋତି ଶଙ୍କର ମହାପାତ୍ର, ଜ୍ଞାନେଶ ମହାନ୍ତି, ପରିଷଦର ସଭାପତି ବିଭାଷ ଚନ୍ଦ୍ର ନନ୍ଦ, ସମାଜସେବୀ ଦିପକ ମିଶ୍ର, ଧାନମଣ୍ଡଳ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚିତ ରଂଜନ ସାହୁ, ହୋଲିଜେସସ୍ ସ୍କୁଲର ଅଧ୍ୟକ୍ଷା ମିସ୍ କାମିନୀ ନାୟକ, ପଲ୍ଲୀ ମଙ୍ଗଳ ସେବା ସମବାୟ ସମିତି ସଭାପତି ସଂଜୟ କୁମାର ସ୍ୱାଇଁ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି ଓ ମାନ ଗୋବିନ୍ଦ ସେଠୀ, ଧାନମଣ୍ଡଳ ପ୍ରାକ୍ତନ ସମିତି ସଭ୍ୟ ରଶ୍ମି ରଂଜନ ଦାଶ, ଜିଲା ବିଜେଡ଼ି ଉପ-ସଭାପତି ଅମର ମହାନ୍ତି, ବ୍ଲକ୍ ଯୁବ ବିଜେଡ଼ି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡ଼ି ସଭାପତି ଯତିନ୍ଦ୍ର ପ୍ରସାଦ ନାୟକ, ରାଜ୍ୟ ଛାତ୍ର ବିଜେଡ଼ି ସଂପାଦକ ନବଦ୍ୱିପ୍ ନାୟକ, ରେଭେନ୍ସା ମହାବିଦ୍ୟାଳୟ ଛାତ୍ର ସଂସଦ ପୂର୍ବତନ ସଭାପତି ବଦ୍ରି ନାରାୟଣ ମହାନ୍ତି, ଜ୍ୟୋତି ରଂଜନ ରାୟ, ଶୁଭେନ୍ଦୁ ମହାନ୍ତି, ଶ୍ରମିକନେତା ହରେକୃଷ୍ଣ ସ୍ୱାଇଁ, ଛାତ୍ରନେତା ବାଇଧର ସ୍ୱାଇଁ ଓ ପ୍ରମୋଦ କୁମାର ଜେନା, ପ୍ରାକ୍ତନ ଧାନମଣ୍ଡଳ ଷ୍ଟେସନ୍ ମାଷ୍ଟର ମୃତ୍ୟୁଞ୍ଜୟ ସାହୁ, ଆଗାମୀ ବଡ଼ଚଣା ଫାଉଣ୍ଡେସନ୍ ଅଧ୍ୟକ୍ଷ ଅମ୍ବୁଜ କୁମାର ରାଉତ, ପରିବେଶବିତ୍ ମନିଲ କୁମାର ଦାସ, ସାଥି ସାମ୍ବାଦିକ ସମରେନ୍ଦ୍ର ମାହାଲା, ସୌର୍ଯ୍ୟ ସୁନ୍ଦର ଦାସ, ସୌମ୍ୟ ରଂଜନ ଦାସ, ଗୟାଧର ବଳ ଶେଷରେ ବଡ଼ଭାଇ ଅଧାପକ ସଲିଳ ରାଜନନ୍ଦନ ମହାନ୍ତି ଯୋଗଦେଇ ଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଗ୍ରାମସଭା ନକରି ରାସ୍ତା ନିର୍ମାଣ, ନିର୍ମାଣ କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

ଯୋଡା,(ପି.ଏନ) : ଯୋଡା ବ୍ଲକ ଅନ୍ତର୍ଗତ ଲଇଡାପଦା ପଂଚାୟତରେ ଗୁରୁଡି ଛକ ଠାରୁ କଳମଙ୍ଗ ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଛି । ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୧୧କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଗ୍ରାମସଭା ନକରି ଏହି ରାସ୍ତା ନିର୍ମାଣକୁ ସ୍ଥାନୀୟ ଗ୍ରାମବାସୀମାନେ ବିରୋଧ କରିବା ସହ ଏହି ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିବା ଜଣାପଡିଛି । ସେମାନଙ୍କ ଅଭିଯୋଗ ମୁତାବକ ଏହି ପୁରୁଣା ଢଳେଇ ରାସ୍ତାରୁ ବାହାରୁଥିବା ବର୍ଜ୍ୟବସ୍ତୁ ଭାବେ ସିମେ□ କଂକ୍ରିଟକୁ ବାହାର କରାଯାଇ ରାସ୍ତା କଡରେ ଥିବା ଲୋକଙ୍କ ପଟ୍ଟାଭୁକ୍ତ ଜମି ଉପରେ ପକାଇ ଦିଆଯାଉଛି । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାର ଲାଗିଛି । ୧୫ଦିନ ହେଲା ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଏ ନେଇ ସ୍ଥାନୀୟ ସରପଂଚ ଚତୁର୍ଭୁଜ ନାଏକ, ୱାର୍ଡମେମ୍ବର କିମ୍ବା ସ୍ଥାନୀୟ ଗ୍ରାମବାସୀ କାହାକୁ ଅବଗତ କରାନଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ପୂର୍ବରୁ ଏହି ରାସ୍ତାଟି ପଂଚାୟତ ରାସ୍ତା ଥିବାବେଳେ ଲଇଡାପଦା, ଭୂୟାଁରୋଡକଳା, କୋହ୍ଲରୋଡକଳା ଏବଂ କାଟେସାହି ଏହିପରି ୫, ୬, ୭, ୮, ୯, ପା□ଟି ୱାର୍ଡ ଦେଇ ଏହା ଅତିକ୍ରମ କରିଛି । ଏହି ରାସ୍ତାଟି ଓଏମ୍‌ସି, ମି□ଲ, ନୂଆଗାଁ ଲୌହଖଣି ଏବଂ ଗୁଆଲି ଲୌହଖଣିର ମୁଖ୍ୟ ମାର୍ଗ ହୋଇଥିବା ବେଳେ ଏହା ସୁନ୍ଦରଗଡ ଜିଲ୍ଲାକୁ ସଂଯୋଗ କରୁଛି । ଏବେ ଏହି ରାସ୍ତାଟିକୁ ଗ୍ରାମା□ଳ ଉନ୍ନୟନ ସଂସ୍ଥା (ଆରଡି) ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ବେଳେ ଗ୍ରାମସଭା ଅନୁଷ୍ଠିତ ନକରି, କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ନଲଗାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା କୃଷ୍ଣଚନ୍ଦ୍ର ପାତ୍ର, କୃଷ୍ଣି ମୁଣ୍ଡା ଏବଂ ଅନ୍ୟ ଗ୍ରାମବାସୀମାନେ ବିରୋଧ କରିଥିବା ଜଣାପଡିଛି । ତେବେ ଏ ନେଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଯୋଡା ବିଭାଗର ସହକାରୀ ଯନ୍ତ୍ରୀ କରୁଣାକର ନନ୍ଦଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ ଖୁବ୍ ନିକଟରେ ଗ୍ରାମସଭା ଅନୁଷ୍ଠିତ ହୋଇ ଏହି କାର୍ଯ୍ୟଟିକୁ ତ୍ୱରାନ୍ୱିତ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ଶୁଶ୍ରୃତ ହସ୍ପିଟାଲ୍ ଏବଂ ଟ୍ରମା କେୟାର୍ ପ୍ରାଇଭେଟ୍ ଲିମିଟେଡ୍‌ର ବାର୍ଷିକ ଉତ୍ସବ





ଭୁବନେଶ୍ୱର,(ପି.ଏନ): ଆଜି ଭୁବନେଶ୍ୱରସ୍ଥିତ ଫରେଷ୍ଟପାର୍କ ନିକଟରେ ଅବସ୍ଥିତ ପ୍ଲଟ୍ ନମ୍ବର-୧୫ରେ ଥିବା ଶୁଶ୍ରୃତ ହସ୍ପିଟାଲ୍ ଏବଂ ଟ୍ରମା କେୟାରର ବାର୍ଷିକ ଉତ୍ସବ ଟ୍ରମା କେୟାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବାର୍ଷିକ ଉତ୍ସବରେ ମାନ୍ୟବର ବିଧାନସଭା ବାଚସ୍ପତି ଡକ୍ଟର ସୂର୍ଯ୍ୟ ନାରାୟଣ ପାତ୍ର ଏବଂ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନବ କିଶୋର ଦାସ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ବରିଷ୍ଠ ଡାକ୍ତର ଏବଂ ପାରା ମେଡିକାଲ୍ କର୍ମଚାରୀମାନଙ୍କୁ ଦେବଦୂତ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆଡମିନିଷ୍ଟ୍ରେସନ୍ ମୁଖ୍ୟ କୁମ୍‌କୁମ୍ ନାୟକ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏବଂ କୋରିଓଗ୍ରାଫର୍ ଦିଲ୍ଲୀପ କୁମାର ସ୍ୱାଇଁ, ହସ୍ପିଟାଲ୍‌ର ଚେୟାରମ୍ୟାନ୍ କିଶୋର ଚନ୍ଦ୍ର ଖଟୁଆ ଏବଂ ଚିତ୍ରାତ୍ମିକା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ନିମ୍ନମାନର କାର୍ଯ୍ୟ କରି ଅର୍ଥ ଆତ୍ମସାତ, ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ ଗ୍ରାମବାସୀ

ହାଟଡିହି,(ପି.ଏନ) :କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ସୋସୋ ପଂଚାୟତରେ ଥିବା ବି.କେ.ହାଇସ୍କୁଲ, ସୋସୋ,କାନପୁର ଉଚ୍ଚ ବିଦ୍ୟାଳୟରେ ସରକାରଙ୍କ ତରଫରୁ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନ କାର୍ଯ୍ୟ ପାଇଁ ଆସିଥିବା ଅର୍ଥ ରାଶିକୁ ନିମ୍ନମାନର କାର୍ଯ୍ୟ କରି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ଆଣିଲେ ଗ୍ରାମବାସୀ । ମିଳିଥିବା ଖବରରୁ ଜଣାଯାଇଛି ଯେ ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନ କାର୍ଯ୍ୟ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୧୭ ଲକ୍ଷ ଟଙ୍କାର ଅନୁଦାନ ରାଶିକୁ ମାତ୍ର ଦୁଇବର୍ଷ ତଳେ ନିର୍ମାଣ ହୋଇଥିବା ପୁରୁଣା ଘରକୁ ମରାମତି ଓ ରଙ୍ଗ ଦେବା ନାମରେ ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରି ଅର୍ଥ ଆତ୍ମସାତ କରିଥିବା ଦର୍ଶାଇ ବିଦ୍ୟାଳୟର ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ ଓ ଗ୍ରାମବାସୀ, ଜିଲ୍ଲାପାଳ, ୫-ଟି ସଚିବ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ହାଟଡିହି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି । ଆହୁରି ମଧ୍ୟ ସରକାରଙ୍କ ତରଫରୁ ଆସୁଥିବା ଅନୁଦାନ ରାଶିକୁ ବାଟବାରଣା କରିବାକୁ ମସୁଧା କରୁଥିବା ଗ୍ରାମର ବସନ୍ତ ରାଉତ, ରମାକାନ୍ତ ସିଂ, ବିନୋଦ ପହି, ରବିନ୍ଦ୍ର ରାଉତ, ଆଦିଆ ସିଂ, ପିତବାସ ନାଏକ,ଶରତ ନାଏକ, ନବଘନ ପଣ୍ଡିତ, ବସନ୍ତ ଦାସ, ନାରାୟଣ ରାଉତ, ଅଜୟ ସିଂ, ଜଟା ବେହେରା, ପୂର୍ବତନ ସରପଂଚ ତ୍ରୈଲୋଚନ ନାୟକ, ଦୁର୍ଯ୍ୟୋଧନ ବାରିକ, ପ୍ରଣବ ମହାନ୍ତି, ବସନ୍ତ ବିନ୍ଧାଣୀ ପ୍ରମୁଖଙ୍କ ସହିତ ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି । ଆହୁରି ମଧ୍ୟ କହିଛନ୍ତି ଯଦି ଜିଲ୍ଲାପାଳ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକରନ୍ତି ତାହାଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଦୁର୍ଦ୍ଦିନରେ କାଷ୍ଠଶିଳ୍ପ କାରିଗର, ପେଟ ପାଇଁ ରାସ୍ତା କଡରେ

ଖଣ୍ଡପଡା,(ପି.ଏନ) : କରୋନା କାଳରେ ବିଭିନ୍ନ ଉପାୟରେ ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି ଖଣ୍ଡପଡା ଅଚଂଳର କୁଶଳୀ କାରିଗରମାନେ । ଏବେ ରାସ୍ତା ପାର୍ଶ୍ୱରେ ସୌଖିନ ସାମଗ୍ରୀର ପସରା ମେଲାଇ ଗ୍ରାହକଙ୍କ ଅପେକ୍ଷାରେ ଦିନ ତମାମ ବସି ରହୁଛନ୍ତି କାରିଗରମାନେ । ସମୟ ଥିଲା ଖଣ୍ଡପଡା ଅଂଚଂଳର କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କାଠ, ହାତୀଦାନ୍ତ ଓ ସିଂଘରେ ନିର୍ମିତ ବହୁ ସୌଖିନ ସାମଗ୍ରୀଗୁଡିକ ରାଜ୍ୟ ଓ ରାଜ୍ୟ ବାହାରେ ବେଶ ଆଦୃତ ଲାଭ କରିଥିଲା । ବିଭିନ୍ନ ସମୟରେ ଏ ଅଂଚଳକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନେ ଖଣ୍ଡପଡା ସହରର କୁନ୍ଦୁରା ସାହି ବସ୍ତିକୁ ଯାଇ କାରିଗରମାନଙ୍କ ଦ୍ୱାରା ନିର୍ମିତ ସାମଗ୍ରୀଗୁଡିକୁ କ୍ରୟ କରୁଥିଲେ । ଏହି କୁନ୍ଦୁରା ସାହିରେ ବସବାସ କରୁଥିବା ୩୦ରୁ ଉର୍ଦ୍ଧ ପରିବାର କାଠ ଓ ସିଙ୍ଘରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ଜୀବିକା ନିର୍ବାହ କରୁଥିଲେ । ମାତ୍ର ଏବେ କରୋନା କାଳ ସେମାନଙ୍କ ରୋଜଗାରରେ ବାଧକ ସାଜିଛି । କୁଶଳୀ କାରିଗର କୃଷ୍ଣ ମହାରଣା ଖଣ୍ଡପଡା- ଖଳିସାହି ରାସ୍ତା ପାର୍ଶ୍ୱରେ ସୌଖିନ ସାମଗ୍ରୀଗୁଡିକୁ ଥୋଇ ଘଂଟା ଘଂଟା ଧରି ଗ୍ରାହକଙ୍କୁ ଅପେକ୍ଷା କରୁଥିବା ବେଳେ କେଉଁ ଦିନ ଦୁଇ ପଇସା ମିଳୁଛ ି ତ କେଉଁ ଦିନ ଖାଲି ହାତରେ ଫେରିବାକୁ ପଡୁଛି ବୋଲି କ୍ଷୋଭର ସହ ସେ ପ୍ରକାଶ ରିଥିଲେ । କୁଶଳୀ କାରିଗରମାନଙ୍କ ପାଇଁ ସରକାର କାରିଗରୀ ଭତା ପ୍ରଦାନ କରିବାର ବ୍ୟବସ୍ଥା କରିଥିବା ବେଳେ ଏହି ଯୋଜନାରୁ ସେ ବଂଚିତ ହୋଇଛନ୍ତି । ଖାଲି ସେ ଏକା ନୁହଁନ୍ତି ତାଙ୍କ ପରି ଖଣ୍ଡପଡା କୁନ୍ଦରାସାହିର ଅନେକ କୁଶଳୀ କାରିଗରମାନେ ସେମାନଙ୍କ କୌଳିକ ବୃତିକୁ ଛାଡିନପାରି ବିଭିନ୍ନ କାରଣରୁ ଦୁଃଖ ଓ ଦୁର୍ଦ୍ଦିନରେ ଦିନ କାଟୁଥିବା ଜଣାଯାଇଛି । କୁଶଳୀ କାରିଗରମାନଙ୍କ ପ୍ରତି ପ୍ରଶାସନିକ ଅଧିକାରୀମାନେ ସଦୟ ହେବାକୁ ସାଧାରଣରେ ଦାବି ହେଉଛି ।

## ଗଡିଲା ଶିଶୁ ଅଧିକାର ସୁରକ୍ଷା ସଚେତନତା ରଥ

କେନ୍ଦୁଝର,(ପି.ଏନ) : ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆନୁକୂଲ୍ୟରେ ଶିଶୁ ଅଧିକାର ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାରେ ସଚେତନତା ରଥ ପରିକ୍ରମା କରୁଛି । ଚଳିତ ଡିସେମ୍ବର ୧ତାରିଖ ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲାର ସୀମାନ୍ତ ଜଗମୋହନପୁର ଠାରେ ସଚେତନତା ରଥକୁ ସ୍ୱାଗତ କରାଯାଇଥିଲା । ତେଲକୋଇ ବ୍ଲକର ବିଭିନ୍ନ ସ୍ଥାନରେ ଜନସଚେତନତା ସୃଷ୍ଟି କରିବା ପରେ ରଥ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ପହଂଚିଥିଲା । ଡିସେମ୍ବର ୨ତାରିଖ ଗୁରୁବାର ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ ଉଦ୍‌ବୋଧନ ଦେଇ କହିଥିଲେ ଯେ ଶିଶୁମାନେ ଆମର ଭବିଷ୍ୟତ ଓ ଅମୂଲ୍ୟ ସମ୍ପଦ । ଏଣୁ ଶିଶୁ ମାନଙ୍କର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ । ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ପ୍ରବ□ନ କରିଛନ୍ତି । ଶିଶୁମାନେ କିପରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଅଧିକାର ଉପଯୋଗ କରିପାରିବେ ସେଥିପାଇଁ ଶିଶୁ ଅଧିକାର ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ହିଂସା, ନିର୍ଯ୍ୟାତନା, ଯୌନ ଶୋଷଣରୁ ଶିଶୁ ମାନଙ୍କୁ ସୁରକ୍ଷିତ ରଖିବା ସମସ୍ତଙ୍କର ଦାୟିତ୍ୱ ହେଉ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ବିଲୁଙ୍ଗ ଆହ୍ୱାନ ଜଣାଇଛନ୍ତି । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଅନସୂୟା ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଦେବାଙ୍ଗନା ବାରିକ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରି ଶିଶୁ ଅଧିକାର ଯଥା- ବ□ିବାର ଅଧିକାର, ସୁରକ୍ଷାର ଅଧିକାର, ବିକାଶର ଅଧିକାର, ଅଂଶଗ୍ରହଣର ଅଧିକାର ଇତ୍ୟାଦି ପ୍ରସଙ୍ଗ ଉପରେ ଆଲୋକପାତ କରି ଶିଶୁ ଅଧିକାର ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।



ପୁରୀଠାରେ ଜାତୀୟ ହସ୍ତଶିଳ୍ପ ଓ ବସ୍ତ୍ର ପ୍ରଦର୍ଶନୀ କ୍ରାଫ୍ଟ ବଜାର ୨୦୨୧କୁ ଅଶୋକ କୁମାର ହୋତା, ନିର୍ଦ୍ଦେଶକ, ହସ୍ତଶିଳ୍ପ ବିସ୍ତାର କେନ୍ଦ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି

## ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମ



ରଣପୁର :ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ବଳଭଦ୍ର ପୁର ଗ୍ରାମ ପଞ୍ଚାୟତର କଣ୍ଡରା ସିଂ ଗ୍ରାମ ମୁଣ୍ଡରେ ଏକ ବିଦ୍ୟୁତ ଟ୍ରାନସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ଅଛି । ବିପଦ ସଙ୍କୁଳ ଅବସ୍ଥାରେ ତାର ମଧ ଝୁଲି ରହିଛି । ଏହି ବାଟ ଦେଇ ପ୍ରତେହ ଛାତ୍ର ଛାତ୍ରୀ ସ୍କୁଲ ଆଉ କଲେଜ ଯାତାୟାତ କରିଥାନ୍ତି । ଏହି ଗ୍ରାମର ପ୍ରତେକ ଲୋକ ଏହି ବାଟ ଦେଇ ରଣପୁର ବଜାର କୁ ମଧ ନିତ୍ୟ ବ୍ୟବହାର ସାମଗ୍ରୀ କିଣାକିଣି କରିବାକୁ ଆସିଥାନ୍ତି । ଏହି ବିପଦ ସଙ୍କୁଳ ଟ୍ରାନସଫର୍ମର ନିକଟରେ ଗ୍ରାମର ଛୋଟ ଛୋଟ ଶିଶୁ ଖେଳା ଖେଳି କରୁଥିବାର ଦେଖିବାକୁ ମିଳେ । ଏହି ବିପଦ ସଙ୍କୁଳ ତାର ଆଉ ଟ୍ରାନସଫର୍ମର ସମ୍ପର୍କରେ ଗୃହପାଳିତ ପଶୁମାନେ ଆସିବାର ସମ୍ଭାବନା ଅଛି । ଏହି ବିପଦ ସଙ୍କୁଳ ଟ୍ରାନସଫର୍ମର ସମ୍ପର୍କରେ ଆସି ଧନ ଆଉ ଜିବନ ନଷ୍ଟ ହେବାର ସମ୍ଭାବନା ଅଛି । ତୁରନ୍ତ ଏହା ଚ଼ାରିପଟେ ସୁରକ୍ଷା ବାଡ଼ ଦେବାକୁ ବିଦ୍ୟୁତ୍ ବିଭାଗକୁ ନୟାଗଡ଼ ବିଜେପି ଜିଲ୍ଲା ସମ୍ପାଦକ ତାପସ ରଞ୍ଜନ ମାର୍ଥା ଅନୁରୋଧ କରିଛନ୍ତି ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଖଣ୍ଡପଡା,(ପି.ଏନ) : ଖଣ୍ଡପଡା ବ୍ଲକ ଅଧିନ କଂଟିଲୋ ମାଧବଚୌଧୁରୀ ପାଟଣା ଗ୍ରାମର ମଧୁସୁଦନ ସାହୁଙ୍କ ପୁତ୍ର ନିର୍ମଳ ସାହୁ(୩୫)ଙ୍କର ବୁଧବାର ରାତିରେ ସଡକ ଦୁର୍ଘଟଣାରେ ପରଲୋକ ହୋଇଥିବା ଜଣାଯାଇଛି । କଂସା ପିତଳ କାରିଗର ଭାବେ ପରିଚିତ ମଧୁସୁଦନ ସାହୁ ସପରିବାର ସହ ବଲାଙ୍ଗୀର ଚଟିଆପାଲ୍ଲୀ ଗ୍ରାମରେ ରହୁଥିଲେ । ଗତକାଲି ନିର୍ମଳ କୌଣସି କାମରେ ବାଇକରେ ଯାଉଥିବା ବେଳେ ବଲାଙ୍ଗୀର ଦୁର୍ଗାମନ୍ଦିର ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଥିବା ଜଣାପଡିଛି । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକ ପ୍ରକାଶ ପାଇଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray